୭୯ତମ
ସ୍ୱାଧୀନତା ଦିବସ ଅବସରରେ
'ସକାଳ' ପରିବାର ତରଫରୁ
ହାର୍ଦ୍ଦିକ ଶୁଭେଚ୍ଛା ।

ସ୍ୱାଧୀନତା ଦିବସ ଉପଲକ୍ଷେ
୧୫ ତାରିଖ 'ସକାଳ'
କାର୍ଯ୍ୟାଳୟ ଛୁଟି ରହୁଥିବାରୁ
ପରବର୍ତ୍ତୀ ସଂସ୍କରଣ
୧୭ ତାରିଖ (ରବିବାର)
ପ୍ରକାଶ ପାଇବ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

୭୯ ତମ ସ୍ୱାଧୀନତା ଦିବସ

BHUBANESWAR •VOLUME- 43 •ISSUE-52 •FRIDAY •15 AUGUST 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୫୨ •ଶୁକ୍ରବାର •୧୫ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

DADLS-41



## ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୭୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0954/2526

### 'ଭୋଟ୍ ଚୋରି' ପ୍ରସଙ୍ଗକୁ ଜୋରଦାର୍ କଲା କଂଗ୍ରେସ

# ରାଜ୍ୟବ୍ୟାପୀ ପ୍ରତିବାଦ, ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର, ୧୪।୮ (ସମିସ): ଦେଶରେ ଭୋଟ ଚୋରି ଅଭିଯୋଗର ପ୍ରତିବାଦରେ ରାଜ୍ୟ କଂଗ୍ରେସ ଆଜି ମଶାଲ ଶୋଭାଯାତ୍ରା କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଉଭୟ ନିର୍ବାଚନ ଆୟୋଗ ଓ ବିଜେପି ଉପରେ ନେତାମାନେ ବର୍ଷିଛନ୍ତି।

କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରିଥିଲେ। ନିର୍ବାଚନ ଆୟୋଗଙ୍କ ସହଯୋଗରେ ଭୋଟର୍ କାର୍ଡରେ ବ୍ୟାପକ ହେରଫେର୍ ଓ ଜାଲିଆତି କରି 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାଧିକ ନିର୍ବାଚନ ଜିଣିଛି, ତାହା ରାହୁଲ ବର୍ଣ୍ଣନା କରିଥିଲେ। ଏହା ପରଠାରୁ ଦେଶବ୍ୟାପୀ ଏହି ପ୍ରସଙ୍ଗ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀର ସ୍କ୍ରିନିଂ ଗତ ୯ ଓ ୧୧ ତାରିଖରେ ଯଥାକ୍ରମେ ରାଜ୍ୟ ଓ ଜିଲ୍ଲାସ୍ତରରେ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହି ପ୍ରସଙ୍ଗକୁ ଆହୁରି ଆଗକୁ ନେବା ପାଇଁ କଂଗ୍ରେସ ଦଳ ମଶାଲ ଶୋଭାଯାତ୍ରା ଆୟୋଜନ କରିଛି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭୋଟ୍ ଚୋରି ଦ୍ୱାରା ଗଣତନ୍ତ୍ରର ହତ୍ୟା କରାଯାଉଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ବେଳେ ବିଜେପି ସରକାର ଭୋଟ୍ ଚୋରି କରି ଗାଦି ହାତେଇଛି। ଆଜି ବି ବିହାରର ଗରିବ ଲୋକମାନେ ବିଭିନ୍ନ ଜାଗାରେ କାମ କରି ଚଳୁଛନ୍ତି। ସେମାନଙ୍କୁ ରାଜ୍ୟରୁ ବାହାର କରାଯାଇପାରିବ ନାହିଁ। ସେମାନଙ୍କୁ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି କହି ଭୋଟର୍ ଲିଷ୍ଟରୁ ହଟାଇଦେବା ଉଚିତ ନୁହେଁ। ନିର୍ବାଚନ ଆୟୋଗ ପ୍ରତ୍ୟେକ ଭୋଟର୍‌ଙ୍କ ନାଁ ଗୋଟି ଗୋଟି କରି ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

ସୂଚନାଥାଉକି ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ୧୪ ତାରିଖ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନ୍ୟୁନ ୨ କିମିର ମଶାଲ ଶୋଭାଯାତ୍ରା କରିବା ପାଇଁ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ କଂଗ୍ରେସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଶୋଭାଯାତ୍ରା କରାଯାଇଛି।

### ଖାକିରେ ଦାଗ

## ମହିଳାଙ୍କୁ ଦୁଷ୍କର୍ମ; ସବ୍‌ଇନ୍ସପେକ୍ଟର ଗିରଫ

ଫୁଲବାଣୀ, ୧୪।୮ (ସମିସ): ଖାକିରେ ପୁଣି ଦାଗ। ଥରେ କି ଦୁଇଥର ନୁହେଁ, ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ। ଏପରି ଏକ ସଂଗିନ୍ ଅଭିଯୋଗରେ କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ପୁଲିସ୍ ଜଣେ ସବ୍-ଇନ୍ସପେକ୍ଟର୍‌ଙ୍କୁ ଗିରଫ କରିଛି। ସେ ହେଲେ, କୋଟଗଡ଼ ଥାନାର ଏସ୍‌ଆଇ ସ୍ମୃତିସାଗର ସାମଲ। ପୂର୍ବରୁ ସେ ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଆଜି ତାଙ୍କୁ ପୁଲିସ୍ କୋର୍ଟଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସ୍ମୃତିସାଗର ଗୋଚ୍ଛାପଡ଼ା ଥାନାରେ କାର୍ଯ୍ୟରତ ଥିବା ବେଳେ ଥାନା ପାଖରେ ଥିବା ଜଣେ ମହିଳାଙ୍କ ଭେରାଇଟି ଷ୍ଟୋର୍‌କୁ ପ୍ରାୟ ସମୟରେ ଯିବା ଆସିବା କରୁଥିଲେ। ତେବେ ଦିନକୁ ଦିନ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ସେ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏପରିକି, ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଥିଲେ। ୨୦୨୪ ମସିହା ମେ' ମାସରେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଜଣଙ୍କ ଏ ସଂପର୍କରେ ମୁହଁ ନ ଖୋଲିବାରୁ ସ୍ମୃତିସାଗରଙ୍କ ମୁହଁ ବଢ଼ି ଯାଇଥିଲା। ପରେ ସେ ମହିଳାଙ୍କୁ ପୁଲିସ୍ ବର୍ଦ୍ଦିର ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ପୀଡ଼ିତା ସାହସ ଜୁଟାଇଥିଲେ ଏବଂ ଏ ସଂପର୍କରେ ତାଙ୍କ ହୋମଗାର୍ଡ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ଦୁହେଁ ଏ ସଂପର୍କରେ ତତ୍‌କାଳୀନ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଗତ ବୁଧବାର ପୁଣି ମହିଳାଜଣଙ୍କ ଥାନାରେ ଏତଲା ଦେଇଥିଲେ। ପୁଲିସ ଏନେଇ ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ପଙ୍କଜ କୁମାର ବେହେରା ସୂଚନା ଦେଇଛନ୍ତି।



## ହୋଟେଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର


ପୁରୀ, ୧୪।୮ (ସମିସ): ହୋଟେଲ ରୁମ୍‌ରେ ଝୁଲିପଡ଼ିଲେ ପ୍ରେମୀଯୁଗଳ। ସମଦ୍ର କୂଳ ଥାନା ପୁଲିସ ଆଜି ପୁରୀର ଏକ ହୋଟେଲରୁ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗର କୁମରେଶ ଘୋଷ ଓ ମିତାଲି ଘୋଷ। ଦୁହେଁ ଅନ୍ୟତ୍ର ବିବାହ କରିଥିଲେ। ଦୁଇ ଦିନ ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ତେବେ କେଉଁ ପରିସ୍ଥିତିରେ ଦୁହେଁ ଏପରି ଚରମ ପଦକ୍ଷେପ ନେଲେ, ସେ ସଂପର୍କରେ ପୁଲିସ୍ ତଦନ୍ତ ଚଳାଇଛି। ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ରହୁଥିବା ହୋଟେଲ କର୍ତ୍ତୃପକ୍ଷଙ୍କୁ ପୁଲିସ୍ ଚରାଉଚରା କରିଛି। ଦୁହେଁ, କେବେଠାରୁ ଏଠାରେ ରହୁଥିଲେ, କ'ଣ ପରିଚୟ ଦେଇଥିଲେ; ସେସବୁର ଖୋଳତାଡ଼ କରୁଛି ପୁଲିସ। ସେମାନେ ଗତ ୯ ତାରିଖରେ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। ୧୫ ତାରିଖରେ ରୁମ୍ ଛାଡ଼ିଥାନ୍ତେ। କିନ୍ତୁ ଦୁଇଦିନ ତଳୁ ସେମାନଙ୍କ ରୁମ୍ ବନ୍ଦ ଥିବାରୁ ସନ୍ଦେହରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦୁହିଁଙ୍କ ମୃତଦେହ ଉଦ୍ଧାର କରିଥିଲା। ଶୁକ୍ରବାର ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।









ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-52 ♦FRIDAY ♦15 AUGUST 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୫୨ ♦ଶୁକ୍ରବାର ♦୧୫ ଅଗଷ୍ଟ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




### ଏସ୍ଆଇଆର୍ ମାମଲା: ଇସିଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬୫ ଲକ୍ଷ ଭୋଟରଙ୍କ ତଥ୍ୟ ସାର୍ବଜନୀନ କର



**ସମ୍ବାଦପତ୍ର, ଟିଭି ଓ ରେଡିଓରେ ବାଦ୍ ପଡ଼ିଥିବା ଭୋଟରଙ୍କ ବିବରଣୀ ପ୍ରକାଶ କର**

**ଆଧାର କାର୍ଡ ଦେଖାଇ ନାମ ସାମିଲ କରିପାରିବେ ଭୋଟର**

■ **ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ତାଲିକା ସଂଶୋଧନ ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି ସେମାନଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଲୋଡ଼ିଛନ୍ତି। ଏହି ଭୋଟରଙ୍କ ନାମ ତାଲିକା ସହିତ ସେମାନେ କାହିଁକି ବାଦ୍ ପଡ଼ିଛନ୍ତି, ତାହାର କାରଣ ଦର୍ଶାଇବା ଲାଗି କୁହାଯାଇଛି। ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଆଞ୍ଚଳିକ ଭାଷାର ସମ୍ବାଦପତ୍ର ସହିତ ଜାତୀୟ ସମ୍ବାଦପତ୍ର, ଟିଭି ଓ ରେଡିଓରେ ପ୍ରକାଶ ଓ ପ୍ରସାର କରିବା ଲାଗି ସର୍ବୋଚ୍ଚ ଅଦାଲତ କମିସନଙ୍କୁ କହିଛନ୍ତି।

ବିହାରରେ ଏସ୍ଆଇଆର୍ ପାଇଁ ଜୁନ୍ ୨୪ରେ ନିର୍ବାଚନ କମିସନ ନେଇଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ବେଞ୍ଚ ଆଜି ନିର୍ବାଚନ କମିସନଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ଦୂର ହୋଇଛି ତାହାର କଂପ୍ଲାୟନ୍ସ ରିପୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି (ଅଗଷ୍ଟ ୨୨ ତାରିଖ) ପୂର୍ବରୁ ଦାଖଲ କରିବାକୁ କହିଛନ୍ତି। କୋର୍ଟ କହିଛନ୍ତି ଯେ ଭୋଟର ତାଲିକାରେ ଯେଉଁମାନଙ୍କୁ ମୃତ ଦର୍ଶାଯାଇଛି କିମ୍ବା ଯେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ବୋଲି କୁହାଯାଉଛି ସେମାନଙ୍କର ତାଲିକା ସମସ୍ତ ପଞ୍ଚାୟତ ସ୍ତରୀୟ ଅଫିସ, ଜିଲ୍ଲା ସ୍ତରୀୟ ରିଟର୍ଣ୍ଣି ଅଫିସର କାର୍ଯ୍ୟାଳୟରେ ଲଗାଇବାକୁ ହେବ। ଟିଭି, ରେଡିଓ, ଇଂରାଜୀ ସମ୍ବାଦପତ୍ର ସମେତ ଆଞ୍ଚଳିକ ଭାଷା ସମ୍ବାଦପତ୍ରରେ ଏହି ତଥ୍ୟ ସଂପର୍କରେ ସୂଚନା ଦେବାକୁ ପଡ଼ିବ। ଏହାସହିତ କୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ କହିଛନ୍ତି ଯେ ଯେଉଁ ଭୋଟରଙ୍କର ନାମ ▶ପୃଷ୍ଠା-୭

### ଫାଟିଲା ବାଦଲ; ଧସିଲା ପାହାଡ଼

# ୪୬ ମୃତ, ୨୦୦ ନିଖୋଜ



**କିସ୍ତୱାରରେ ପ୍ରକୃତିର ତାଣ୍ଡବ**



■ **ଶ୍ରୀନଗର, ୧୪।୮ (ଏଜେନ୍ସି):** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ବାଦଲଫଟା ବର୍ଷା ଯୋଗୁଁ ବଡ଼ ଧରଣର ବିପର୍ଯ୍ୟୟ ଘଟି ୪୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ମୃତକଙ୍କ ମଧ୍ୟରେ ୨ ସିଆଇଏଓଏଫ୍ ଯବାନ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ୧୨ଟା ୩୦ରେ ବାଦଲ ଫଟା ବର୍ଷା କାରଣରୁ କିସ୍ତୱାର ଜିଲ୍ଲାର ଚୋସିଟି ଗ୍ରାମ ଧ୍ୱଂସ ହୋଇଯାଇଛି। ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଛି। ପାହାଡ଼ରୁ ବୋହି ଆସିଥିବା ଆବର୍ଜନାପୂର୍ଣ୍ଣ ପାଣି ସୁଅରେ ଅନେକ ଲୋକ ଭାସି ଯାଇଥିବା ବେଳେ ଅନେକ ଅତଡ଼ା ତଳେ ଚାପି ହୋଇ ରହିଛନ୍ତି। ମଚୈଲ ମାତା ମନ୍ଦିର ଯିବା ଲାଗି ଶ୍ରଦ୍ଧାଳୁ ବିଭିନ୍ନ ଗାଡ଼ିରେ ଆସି ଏଠାରେ ଏକାଠି ହୋଇଥିଲେ। ଏଠାରୁ ସେମାନେ ଚାଲିଚାଲି ମନ୍ଦିର ଯାଇଥା'ନ୍ତେ। ବର୍ଷା ବେଳେ ଏହି ଗାଁରେ ଲଙ୍ଗରରେ ଶ୍ରଦ୍ଧାଳୁମାନେ ଏକାଠି ଖାଉଥିଲେ। ସେମାନଙ୍କୁ ସୁରକ୍ଷା ଦେବାଲାଗି ପାଖରେ ନିରାପତ୍ତା ଯବାନଙ୍କର କ୍ୟାମ୍ପ ମଧ୍ୟ ଲାଗିଥିଲା। ଏହି କ୍ୟାମ୍ପ ମଧ୍ୟ ▶ପୃଷ୍ଠା-୭

### ମନ୍ତ୍ରୀଙ୍କ ନାଲିଆଖି, ସଚିବଙ୍କ ଚେତାବନୀ ପ୍ରଭାବହୀନ

# ଜିଦ୍‌ରେ ଅଟଳ ରାଜସ୍ୱ ଅମଲା

**୧୫ ଦିନରେ ଦାବି ପୂରଣ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ**

**୩୦ ଜିଲ୍ଲାର ୧୦ ହଜାର ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ**

■ **ଭୁବନେଶ୍ୱର, ୧୪।୮ (ସମିସ):** ରାଜସ୍ୱ ମନ୍ତ୍ରୀ ନାଲି ଆଖି ଦେଖାଇଲେ, ସଚିବ ଦରମା ବନ୍ଦ କରିବାକୁ ଧମକ ଦେଲେ; ମାତ୍ର ଏହି ଚେତାବନୀ ରାଜସ୍ୱ ଅମଲା ସଂଘ ଉପରେ କୌଣସି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନାହିଁ। ଦାବି ପୂରଣ ପାଇଁ ରାଜ୍ୟର ୧୦ ହଜାର ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଫଳରେ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ବ୍ଲକ୍, ତହସିଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପଞ୍ଚାୟତିରାଜ ସଂସ୍ଥାରେ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି । ଆଲୋଚନା ପରିବର୍ତ୍ତେ ସରକାର ଆନ୍ଦୋଳନକୁ ଦବାଇବା ପାଇଁ କରୁଥିବା ଉଦ୍ୟମକୁ ସଂଘ ତୀବ୍ର ବିରୋଧ କରିଛି। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କର ଦାବି ପୂରଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ▶ପୃଷ୍ଠା-୭

### ଲଘୁଚାପ ସକ୍ରିୟ

# ଲାଗି ରହିବ ବର୍ଷା

■ **ଭୁବନେଶ୍ୱର, ୧୪।୮ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଶୁକ୍ରବାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଗୁରୁବାର ଗୋପାଳପୁରରେ ସର୍ବାଧିକ ୪୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୨୫, ନୟାଗଡ଼ରେ ୧୯, ନବରଙ୍ଗପୁର ୧୭, ▶ପୃଷ୍ଠା-୭







# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା









## ■ ତାଳଚେର ମହାବିଦ୍ୟାଳୟ

ତାଳଚେର, ୧୪।୮ (ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା କଲେଜରୁ ବାହାରି ସହର ପରିକ୍ରମା କରି ପୁଣି କଲେଜରେ ପହଞ୍ଚିଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଯୋଗଦେଇଥିଲେ।

## ■ ନାକିଚି ଓ ଠାକୁରଗଡ଼ ମଣ୍ଡଳ ବିଜେପି

କିଶୋରନଗର/ବଇଣ୍ଡା: ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନାକିଚି ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ମଣ୍ଡଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଦଳୀୟ କର୍ମକର୍ତ୍ତାମାନେ ତ୍ରିରଙ୍ଗା ପତାକା ସହ ବାଇକ୍‌ରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପୂର୍ବତନ ଆଠମଲ୍ଲିକ ବିଧାୟକ ରମେଶ ସାଏ, ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଉପସଭାପତି ଅର୍ଜୁନ କୁମାର ସାହୁ, ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ୍ କୁମାର ଦେହୁରୀ, ପରେଶ ଦେଓ, ଦିଲେଶ୍ୱର ପ୍ରଧାନ, ଅଜିତ ପ୍ରଧାନ, ବଂଶୀଧର ସେଠୀ, ବିବୁଧେନ୍ଦ୍ର ସାହୁ, ଅଲେଖ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ● ରେଙ୍ଗାଳି ଓ ପବିତ୍ରନଗର ମଣ୍ଡଳ ବିଜେପି

କଣିହାଁ: କଣିହାଁ ବ୍ଲକ ରେଙ୍ଗାଳି ବିଜେପି ମଣ୍ଡଳ ପକ୍ଷରୁ ବରପଦାଠାରୁ କୁଲୁମା ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭଯାତ୍ରା ଅନୁଷ୍ଠିତ ହୋଇଛି। ବାଲିପସି ପଞ୍ଚାୟତ ବାରପଦା ଗ୍ରାମ ମା' ହିଙ୍ଗୁଳାଙ୍କ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି କୁଲୁମା ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ଜଗମୋହନ ପ୍ରଧାନ, ଜିଲ୍ଲା ଉପ ସଭାପତି ନୃସିଂହ ଚରଣ ବରାଳ, ପାଲଲହଡ଼ା ସଂଯୋଜକ ପ୍ରହ୍ଲାଦ ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଧ୍ରୁବ ଚରଣ ଧୀର, ତ୍ରିପୁରାରୀ ପ୍ରଧାନ, ଟିକନ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା, ଆଶାକର୍ମୀ, ଏମବିକେ, ସିଆରପି ଓ ବିଭିନ୍ନ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ପବିତ୍ର ନଗର ମଣ୍ଡଳ ତରଫରୁ ସିଳିଂଠାରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଏଥିରେ ପାଲଲହଡ଼ା ବିଧାୟକ ମହାନ୍ତି, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ସଂଯୋଜକ ପ୍ରହ୍ଲାଦ ସାମଲ, ଜିଲ୍ଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷ ବନୋଜ ପ୍ରଧାନ, +୨ କଲେଜ ଅଧ୍ୟକ୍ଷ ରମାକାନ୍ତ ସାହୁ, ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ■ ମାଧପୁର ମଣ୍ଡଳ ବିଜେପି

କିଶୋରନଗର: ମାଧପୁର ମଣ୍ଡଳ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାଖୁଡ଼ଙ୍କ ନେତୃତ୍ୱରେ ମାଧପୁର ବଜାରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥଇଲେ। ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ବିଜୟ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

## ■ କିଶୋରନଗର ବିଜେପି

କିଶୋରନଗର: କିଶୋରନଗର ଜୋନ ଅଞ୍ଚଳରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ବହୁଦଳୀୟ କର୍ମୀ ସାମିଲ ହୋଇଥିଲେ।

## ■ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟ

କିଶୋରନଗର/ବଇଣ୍ଡା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ପ୍ରତେକ ପରିବାରକୁ ଭେଟି କିପରି ଘରେ ପତାକା ଉଡ଼ାଇବେ ସେ ନେଇ ସଚେତନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ବାଘ, ଅଧ୍ୟାପିକା ଡ. କଲ୍ୟାଣୀ ରୂପା ମିଶ୍ର, ସରୋଜ କୁମାର ଦାସ, ସରୋଜ ରଞ୍ଜନ ପ୍ରଧାନ, ତରୁଣ କୁମାର ପ୍ରଧାନ, ଟୁକୁନା ପ୍ରଧାନ, ସଞ୍ଜୟ ଜେନା, ପାୟଲ ପାତ୍ର, ସ୍ୱାଧୀନ ବେହେରା, ଅନ୍ନପୂର୍ଣ୍ଣା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଇଣ୍ଡା କଲେଜ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ଖମାରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅସିତ କୁମାର ଜେନା, ନିରଞ୍ଜନ ଦାସ, ସୁମିତ୍ରା ସ୍ୱାଇଁ, ହାଡ଼ିବନ୍ଧୁ ପ୍ରଧାନ, ତରଣୀସେନ ସାହୁ, ପୂଜାଲକ୍ଷ୍ମୀ ବିଶ୍ୱାଳଙ୍କ ସମେତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## 'ନିଶାମୁକ୍ତ ଭାରତ ଅଭିଯାନ'ର ପଞ୍ଚମ ବାର୍ଷିକୀ ପାଳନ



ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ ସମଗ୍ର ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନର ପଞ୍ଚମ ବାର୍ଷିକୀ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଯୁବପିଢ଼ିଙ୍କୁ ଆହ୍ୱାନ କରି ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଏକତ୍ରିତ ହେବା ସହ କେବଳ ସମୁଦାୟ, ପରିବାର, ବନ୍ଧୁମାନେ ନୁହେଁ, ନିଜେ ମଧ୍ୟ ନିଶାମୁକ୍ତ ରହିବାକୁ ପ୍ରତିବଦ୍ଧ ହେବା, କାରଣ ପରିବର୍ତ୍ତନ ନିଜରୁ ଆରମ୍ଭ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ନିଶାଦ୍ରବ୍ୟ ବ୍ୟବହାର ବିରୋଧରେ ଶପଥପାଠ କରାଯାଇଥିଲା। ସଚେତନତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଥାନା, ଗ୍ରାମ ପଞ୍ଚାୟତ ଏବଂ ବିଭିନ୍ନ ଜନବହୁଳ ସ୍ଥାନରେ ପୋଷ୍ଟର ସ୍ଥାପନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେଲ୍‌ଫି ପଏଣ୍ଟ ବ୍ୟବସ୍ଥା କରାଯାଇଥିଲା। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ନିଶାଦ୍ରବ୍ୟ ବ୍ୟବହାର ବିରୋଧରେ ପ୍ରବନ୍ଧ ଲିଖନ, ସ୍ଲୋଗାନ, ପୋଷ୍ଟର, ରଙ୍ଗୋଲି ଆଦି ପ୍ରତିଯୋଗିତା ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲ ଓ ସହକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରଯାଇଥିଲା।

## ଅମଲା ସଂଘ ଆନ୍ଦୋଳନକୁ ଏଆଇୟୁଟିୟୁସିର ସମର୍ଥନ



ଅନୁଗୋଳ, ୧୪।୮ (ସମିସ): ନ୍ୟାଯ୍ୟ ଦାବିରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଆହ୍ୱାନରେ ଚାଲିଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ୟୁନାଇଟେଡ ଟ୍ରେଡ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସମର୍ଥନ କରାଯିବା ସହ ଦାବି ପୂରଣ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର ଗୁରୁବାର ପୂର୍ବାହ୍ନରେ ରାଜସ୍ୱ ଅମଲା ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଆନ୍ଦୋଳନସ୍ଥଳରେ ଉପସ୍ଥିତ ହୋଇ ସଂଘର ଦାବିଗୁଡ଼ିକ ନ୍ୟାୟସଙ୍ଗତ ବୋଲି ମତବ୍ୟକ୍ତ କରିଥିଲେ। ସଂଘର ନ୍ୟାଯ୍ୟ ୧୦ଦଫା ଦାବିକୁ ରାଜ୍ୟ ସରକାର ଅବିଳମ୍ବେ ପୂରଣ କରି ସରକାରୀ ଅଫିସଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର କରିବାକୁ ଦାବି କରିଛନ୍ତି। ଏହି ଆନ୍ଦୋଳନକୁ କୃଷକ, ଶ୍ରମିକ ତଥା ଶ୍ରମଜୀବୀ ଜନସାଧାରଣ ସମର୍ଥନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା




ବଇଣ୍ଡା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ବୁଧବାର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବଇଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବଇଣ୍ଡା, ନାକିଚି, ବାମୁର, ରଣିଆକଟା, ଠାକୁରଗଡ଼, ପାଇକସାହି, ଅନ୍ତୁଲିଆ, ଆଠମଲ୍ଲିକ, ମାଧପୁର, ଆଦି ୯ଟି ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୋଟ ୬୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ଚୈତନ୍ୟ ବେହେରା, ସଙ୍କୁଳ ପ୍ରମୁଖ ରଜିତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୌରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଜନ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ଶବର, ଲିଲି ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ। ଜୟଶ୍ରୀ ପ୍ରଧାନ, ବାପୁଜୀ ଦେହୁରି, ବିନୀତା ପ୍ରଧାନ, ଗୋଲାପ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ଚେତନା ବାରିକ, ଅମ୍ବାଳିକା ସାହୁ, ବୁଲୁ ପ୍ରସାଦ ସାହୁ, ରାମାକାନ୍ତ ସାହୁ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ସମୀକ୍ଷା ବୈଠକ

ଅନୁଗୋଳ, ୧୪।୮ (ସମିସ): ଜିଲ୍ଲା ତାଲିମ କେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଔଷଧ ଓ ଯନ୍ତ୍ରପାତି ଯୋଗାଣ ପ୍ରକ୍ରିୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧୀକ୍ଷକ (ଚିକିତ୍ସା) ଡା. ମାନସ ରଞ୍ଜନ ବିଶ୍ୱାଳ, ଡା. ବିବି ମହାନ୍ତି, ଓଏସଏମସିଏଲ ଜିଲ୍ଲା ଭଣ୍ଡାର ଅଧିକାରୀ ବରିଷ୍ଠ ଫାର୍ମାସୀ ଅଧିକାରୀ ଦୁର୍ଗାପ୍ରସାଦ ଦଳେଇ, ଜିଲ୍ଲା ଭଣ୍ଡାର ଭାରପ୍ରାପ୍ତ ମୁଖ୍ୟ ଫାର୍ମାସୀ ଅଧିକାରୀ ଏମଡି ଆସଲାମ୍, ଯୋଗାଣ-ଭାରପ୍ରାପ୍ତ ସ୍ମୃତିରଞ୍ଜନ ସାହୁ, ଯନ୍ତ୍ରପାତି ଯୋଗାଣ ଭାରପ୍ରାପ୍ତ ବିଷ୍ଣୁଚରଣ ସାହୁ, ପରିବାର କଲ୍ୟାଣ ଯୋଗାଣ ଗୁରୁଦେବ ମିଶ୍ର ଜିଲ୍ଲା କାର୍ଯ୍ୟାଳୟ ମୁଖ୍ୟ ବିଭାଗୀୟ ଅଧିକାରୀ ନଳିନୀ ରଞ୍ଜନ ପ୍ରଧାନ, ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ପାଣି, ଉପଖଣ୍ଡ ଚିକିତ୍ସାଳୟ ଓ ବ୍ଲକସ୍ତରୀୟ ଚିକିତ୍ସାଳୟର ଭଣ୍ଡାର ପରିଚାଳନା କାର୍ଯ୍ୟନିର୍ବାହୀ ଫାର୍ମାସୀ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ। ଡା. ପ୍ରଧାନ ଶତପ୍ରତିଶତ ଅନଲାଇନ ମାଧ୍ୟମରେ କାର୍ଯ୍ୟ ପରିଚାଳନା, ସମସ୍ତ ଜରୁରୀକାଳୀନ ଔଷଧ, ମ୍ୟାଲେରିଆ, ମଧୁମେହ ଓ ଅନ୍ୟାନ୍ୟ ଏନସିଡି ତଥା ଥାଲାସେମିଆ ପରି ରୋଗ ଚିକିତ୍ସା ପ୍ରଣାଳୀ ଔଷଧ ଉପଲବ୍ଧ ସହ ବ୍ଲକ ସ୍ତର ପର୍ଯ୍ୟନ୍ତ କିଡ୍‌ନୀ ରୋଗୀଙ୍କ ଔଷଧ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରତ୍ୟେକ ସିଏଚ୍‌ସି ତଥା ଏସଡିଏଚମାନଙ୍କ ବିଭିନ୍ନ ଔଷଧ ଯନ୍ତ୍ରପାତି ଯୋଗାଣ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରୀୟ ଆଲୋଚନା ସହ ଦୁର୍ଗମ ଅଞ୍ଚଳରେ ସବୁ ପ୍ରକାର ପ୍ରାଥମିକ ଔଷଧ ଯୋଗାଣ ନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।





## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ


କିଶୋରନଗର, ୧୪।୮ (ସମିସ)




ଉରୁକୁଳା ପଞ୍ଚାୟତ ପର୍ଣ୍ଣମାଳସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଡିଓ ଦିଲୀପ କୁମାର ପ୍ରଧାନ, ଡବ୍ଲ୍ୟୁଇଓ ତ୍ରିଦେବସୁନ୍ଦର ବରାଳ, କିଶୋରନଗର ଯୋଗାଣ ନିରୀକ୍ଷକ ଋଷଭ ଚନ୍ଦ୍ର ନାୟକ, ଉରୁକୁଳା ସିଆରସିସି ଜିତୁ ସାହୁ, ସରପଞ୍ଚ ସୁରୁଚି ସମ୍ପୂର୍ଣ୍ଣା ସାହୁ, ଉରୁକୁଳା ପିଇଓ ତିଳକରାଜ ବେହେରା, ବିଲେଇନାଳୀ ପିଇଓ ରତ୍ନାକର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ବୋର୍ଡ ସଭ୍ୟ ରଜନୀକାନ୍ତ ଦେହୁରୀଙ୍କ ସମେତ ବିଲେଇନାଳୀ ଓ ଉରୁକୁଳା ପଞ୍ଚାୟତର ହିତାଧିକାରୀ, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମର ବିବରଣୀ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଡବ୍ଲ୍ୟୁଇଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଯୋଗାଣ ନିରୀକ୍ଷକ ଋଷଭ ଚନ୍ଦ୍ର ନାୟକ ରାସନ କାର୍ଡ ବିଷୟରେ ସଚେତନ କରାଇଥିଲେ। ଏବିଡିଓ ଦିଲୀପ ପ୍ରଧାନ ସରକାରଙ୍କ ଦ୍ୱାରା ପରିଚାଳିତ ପେନସନ ଯୋଜନା, ଆବାସ ଯୋଜନା କିପରି ମିଳିପାରିବ, ଆବେଦନ ପ୍ରକ୍ରିୟା ଓ ମାଧ୍ୟମ ବିଷୟରେ ଅବଗତ କରିଥିଲେ। ସିଆରସିସି ପିଲାଙ୍କୁ ଦିଆଯାଉଥିବା ବାଧ୍ୟତାମୂଳକ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ବିଷୟରେ କହିଥିଲେ। ବିଶ୍ୱ ଯୁବକେନ୍ଦ୍ରର ପୂଜା ସ୍ୱାଇଁ, ଅଭିଷେକ ମହାପାତ୍ର, ଡିପି ଦେହୁରୀ, ପପି ଦେହୁରୀ ସହଯୋଗ କରିଥିଲେ।

## ପ୍ରାଣୀ ଚିକିତ୍ସାଳୟରେ ତାଲା ପକାଇଲେ ଚାଷୀ

ଛେଣ୍ଡିପଦା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ତାଲା ପକାଇଲେ ଚାଷୀ। ତିନିଦିନ ହେବ ଅଭିଯୋଗ କଲେ ମଧ୍ୟ ଚିକିତ୍ସା କରୁ ନ ଥିବାରୁ ତାଲା ପକାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଛେଣ୍ଡିପଦାର ଚାଷୀ ନରୋତ୍ତମ ପ୍ରଧାନଙ୍କର ଏକ ଗାଈ ଅସୁସ୍ଥ ଅଛି। ଗାଈର ଚିକିତ୍ସା ପାଇଁ ସେ ପ୍ରାଣୀ ଚିକିତ୍ସାଳୟକୁ ଆସି ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି ଗତବର୍ଷ ଚିକିତ୍ସା ଅଭାବରୁ ୪ଟି ଗାଈର ମୃତ୍ୟୁ ହୋଇଥିବା ବେଳେ ପୁଣି ଗୋଟିଏ ଗାଈ ଅସୁସ୍ଥ ଥିବାରୁ ନରୋତ୍ତମ ଚିନ୍ତିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଚିକିତ୍ସା କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ନରୋତ୍ତମ ଚିକିତ୍ସାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଦୀର୍ଘ ୨ଘଣ୍ଟା ପରେ ଛେଣ୍ଡିପଦା ଥାନା ପୁଲିସ ଓ ପ୍ରାଣୀ ଚିକିତ୍ସକମାନେ ପହଞ୍ଚି ଆଲୋଚନା କରିଥିଲେ।

# ମେଟ୍ରୋ ପ୍ରକଳ୍ପ ପାଇଁ ଦିଆଯିବ କେନ୍ଦ୍ରକୁ ପ୍ରସ୍ତାବ

## ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି

ଭୁବନେଶ୍ୱର,୧୪।୮ (ସମିସ): ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ରକୁ ଦିଆଯିବ ପ୍ରସ୍ତାବ। କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ମାଣ ହେବ ମେଟ୍ରୋ। ଏହାସହ ପ୍ରକଳ୍ପ ଆଗକୁ ନେବାକୁ ଏକ ବିସ୍ତୃତ ଗତିଶୀଳ ଯୋଜନା ପ୍ରସ୍ତୁତ କରାଯିବ। ନୂଆ ଢାଞ୍ଚାରେ ଏକ ଟେକ୍ନିକାଲ କମିଟି ଗଠନ ହେବ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପ ବୁଲି ଦେଖିବେ। ଏହି ଅନୁଯାୟୀ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହାପରେ ରିପୋର୍ଟ ଆଧାରରେ ମେଟ୍ରୋ ପ୍ରକଳ୍ପକୁ ନେଇ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରିସ୍ତରୀୟ ସବ୍-କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ନୂଆ ଢାଞ୍ଚାରେ ଏକ ଟେକ୍ନିକ୍‌କାଲ କମିଟି ଗଠନ ହେବ। ଏଥିରେ ଅଧିକାରୀମାନଙ୍କ ସମେତ ଏକ୍ସପର୍ଟ ରହିବେ। ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଲୋକଙ୍କ ସମେତ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ମତାମତ ସଂଗ୍ରହ କରାଯିବ। କେଉଁଠି ଷ୍ଟେସନ ନିର୍ମାଣ ହେବ, କେଉଁଠି ପାର୍କିଂ କରାଯିବ, ସେଥିପାଇଁ କମିଟି ସ୍ଥିର କରିବ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ସମ୍ପର୍କିତ ବୟାନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଶ୍ରୀ ସିଂହଦେଓ ମେଟ୍ରୋ ନିର୍ମାଣ ପାଇଁ ବୈଠକରେ ବସିଥିଲେ। ସହରଗୁଡ଼ିକରେ ମେଟ୍ରୋ କ୍ଷତିରେ ଚାଲୁଛି ବୋଲି କହିଥିଲେ। ମେଟ୍ରୋକୁ ସେତିକି ଯାତ୍ରୀ ଆସୁନାହାନ୍ତି, ଏଣୁ ସରକାରଙ୍କୁ କ୍ଷତିଭରଣା କରିବାକୁ ପଡୁଛି ବୋଲି ସେ କହିଥିଲେ। ଟେକ୍ନିକାଲ କମିଟି ଏସବୁକୁ ଅନୁଧ୍ୟାନ କରିବ। ଏହାପରେ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣକୁ ନେଇ ବହୁବାର କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ବହୁବାର କେନ୍ଦ୍ର ସରକାରଙ୍କ ସହଯୋଗ ମିଳିନଥିଲା। ଏଣୁ ରାଜ୍ୟ ସରକାର ନିଜ ଖର୍ଚ୍ଚରେ ମେଟ୍ରୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଏକ ଟିମ୍ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେଇଥିଲା। ଏହି ଆଧାରରେ ମେଟ୍ରୋ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଡିପିଆର୍ ପ୍ରସ୍ତୁତ ହୋଇଥିଲା। ଏହାପରେ ଟେଣ୍ଡର ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ରେ ଏହି ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ମୃତ୍ତିକା ପରୀକ୍ଷାଠାରୁ ଆରମ୍ଭ କରି ଅନେକ କିଛି କାମ ଆଗକୁ ଯାଇଥିଲା। ହେଲେ ସରକାର ବଦଳିବା ପରେ ମଧ୍ୟ କିଛି ଦିନ କାମ ଚାଲିଲା। ମେଟ୍ରୋ ପ୍ରକଳ୍ପକୁ ଅଚାନକ ସ୍ଥଗିତ କରାଗଲା। ଠିକାସଂସ୍ଥା ସହ ଟେଣ୍ଡର ବାତିଲ କରାଗଲା। ଯାହା ପୂର୍ବରୁ ହୋଇ ସାରିଥିଲା ସେସବୁ ପୁଣି କରାଯିବ।



ସ୍ୱାଧୀନତା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା

# ଓଡ଼ିଶାର ୨ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଦେଶରେ ବୀରତା ଏବଂ ସେବା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବ। ତନ୍ମଧ୍ୟରୁ କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ପାଇଁ ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ, ଏଏସ୍‌ପି ରବୀନ୍ଦ୍ର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ ପଟେଲ। ସେହିପରି ଭାବେ ଓଡ଼ିଶାରୁ ୯ ଜଣ ସାହସିକତା ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପଦକ ମିଳିବ। ଏନେଇ ଗୃହ ମନ୍ତ୍ରାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

**୯ ଜଣଙ୍କୁ ସାହସିକତା, ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ**

ଓଡ଼ିଶାର ଯେଉଁ ୯ଜଣ ସାହସିକତା ପୁରସ୍କାର ପାଇବେ, ସେମାନଙ୍କ ମଧ୍ୟରେ ସବ୍-ଇନ୍ସପେକ୍ଟର୍ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ୍ ଅର୍ଜୁନ ମଲ୍ଲିକ, ଓଏପିଏଫ୍ ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀନ ଶେଷ ଏବଂ ଅଭିମନ୍ୟୁ ମାଝୀ ରହିଛନ୍ତି। ସେହିପରି ୧୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁଲିସ ପଦକ ପ୍ରଦାନ କରାଯିବ। ଅଧିକାରୀମାନେ ହେଲେ, ସହକାରୀ ମହାନିରୀକ୍ଷକ ମହେଶ୍ୱର ସେଠୀ, ଅତିରିକ୍ତ ପୁଲିସ ଅଧୀକ୍ଷକ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ପୁଲିସ ଅଧୀକ୍ଷକ ଦେବେନ୍ଦ୍ର ନାରାୟଣ ଦାଶ, ଉପ ପୁଲିସ ଅଧୀକ୍ଷକ ଆଶିଷ କୁମାର ରାଉତ, ଇନ୍ସପେକ୍ଟର୍ ଏ. ଶ୍ରୀନିବାସ ଦୋରା, ଉପ ପୁଲିସ ଅଧୀକ୍ଷକ ହେମାମାଳନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର୍ ସନ୍ତୋଷ କୁମାର ମିର୍ଦ୍ଧା, ସହକାରୀ ସବ-ଇନ୍ସପେକ୍ଟର୍ ଅରୁଣ କୁମାର ସାମନ୍ତ, ସହକାରୀ ସବ-ଇନ୍ସପେକ୍ଟର୍ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ।

ସୂଚନାଯୋଗ୍ୟ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ୧,୦୯୦ ଜଣ ପୁଲିସ, ଅଗ୍ନିଶମ, ହୋମଗାର୍ଡ, ନାଗରିକ ପ୍ରତିରକ୍ଷା ଏବଂ ସୁଧାର ସେବା କର୍ମଚାରୀଙ୍କୁ ସାହସିକତା ତଥା ସେବା ପଦକ ପ୍ରଦାନ ପାଇଁ ନାମ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ବିଶିଷ୍ଟ ସେବା ପାଇଁ ୯୯ଜଣଙ୍କୁ ରାଷ୍ଟ୍ରପତି ପଦକ, ୨୩୩ ଜଣଙ୍କୁ ସାହସିକତା ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ୭୫୮ଜଣଙ୍କୁ ପଦକ ମିଳିବ।

## ଧାନ ବିକ୍ରି ପଞ୍ଜୀକରଣ ଅଡୁଆ

# ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ






ବରଗଡ଼, ୧୪।୮ (ସମିସ): ରାଜପଥରେ ଚାଷୀ-ପୁଲିସ୍ ମୁହାଁମୁହିଁ। ବରଗଡ଼ ଜିଲ୍ଲାରେ ଆଜି ଜାତୀୟ ରାଜପଥ ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଧାନବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ପାଇଁ ଦାବି କରି ଆଜି ବହୁ ସଂଖ୍ୟାରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିବାକୁ ଆସିଥିଲେ। ବରଗଡ଼ କଳାପାଣି ମାର୍କେଟ୍ ୟାର୍ଡରେ ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ଯୋଜନା କରୁଥିଲେ। କିନ୍ତୁ ପୁଲିସ ସେଠାରୁ ଚାଷୀମାନଙ୍କୁ ଉଠାଇ ନେଇଥିଲା। ତେବେ ପୁନର୍ବାର ଫରାପାର୍ଟ ମନ୍ଦିର ସମ୍ମୁଖରେ ଚାଷୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେଠାକୁ ମଧ୍ୟ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ସମସ୍ତଙ୍କୁ ଉଠାଇ ନେଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କୁ ନେଇ ରିଜର୍ଭ ପଡ଼ିଆରେ ଅଟକ ରଖିଥିବା ବେଳେ କିଛି ଚାଷୀ ସେଠାରୁ ଆସି ପୁଣି ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଲିସ୍ ପୁଣି ସେମାନଙ୍କୁ ଉଠାଇ ନେଇଥିଲେ। ପରେ ମନ୍ଦିର ପରିସର ସମ୍ମୁଖରେ ଚାଷୀଙ୍କ ଆଲୋଚନା ବେଳେ ଆଉ ଥରେ ଚାଷୀଙ୍କୁ ଉଠାଇ ନେଲା ପୁଲିସ। ଫଳରେ ଆଜି ଦିନସାରା ବିଭିନ୍ନ ସ୍ଥାନରେ ଚାଷୀ ଓ ପୁଲିସ ମୁହାଁମୁହିଁ ହୋଇଥିବା ଦେଖାଯାଇଥିଲା।

### ଚାଷୀଙ୍କୁ ଉଠାଇନେଲା ପୁଲିସ

ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଡେପୁଟି କଲେକ୍ଟର୍ ମଦନ ପଣ୍ଡା, ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା ସମସ୍ତ ଚାଷୀଙ୍କୁ ରାସ୍ତା ଅବରୋଧ ନ କରିବା ପାଇଁ ବୁଝାଇଥିଲେ। ତେବେ ଆଜିର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଥିଲା। ସରକାର ପଞ୍ଜୀକରଣ ସମସ୍ୟାର ତୁରନ୍ତ ସମାଧାନ ନ କଲେ, ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।






ସକାଳ
THE SAKALA

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

## ସ୍ୱାବଲମ୍ବନର ଜୟଗାନ

ଆମେ ଆଜି ଏଭଳି ଏକ ସମୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛୁ, ଯେତେବେଳେ ଦେଶର ସାର୍ବଭୌମତ୍ୱ ଓ ସ୍ୱାଭିମାନ ପ୍ରତି ପୁଣି ଏକ ବିଶାଳ ଆହ୍ୱାନ ସୃଷ୍ଟି ହୋଇଛି। ପ୍ରାୟ ତିନିମାସ ତଳେ ଆମେ ପାରମ୍ପରିକ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହିତ ଅଘୋଷିତ ଯୁଦ୍ଧର ସମ୍ମୁଖୀନ ହୋଇଛୁ, ଅଥଚ ସୀମାରେ ତିନିରାଷ୍ଟ୍ର ଚୀନ୍-ପାକିସ୍ତାନ-ତୁର୍କୀ ସାମରିକ ଶକ୍ତିର ମୁକାବିଲା କରିଛୁ। ଅସ୍ତ୍ରବିରତିର ଶ୍ରେୟ ଦାବି କରୁଥିବା ଆମେରିକାର ଅହଂକୁ ସ୍ୱୀକୃତି ନ ଦେବାର ପରିଣାମ ସ୍ୱରୂପ ଆମେ ସେହି ହିତଶତ୍ରୁ ରାଷ୍ଟ୍ରର ବାଣିଜ୍ୟ ଶୁଳ୍କ ଆକ୍ରମଣର ସମ୍ମୁଖୀନ ହୋଇଛୁ। ହୁଏତ ଏହାର ସୁଦୂରପ୍ରସାରୀ ଓ ବହୁମୁଖୀ ପ୍ରଭାବକୁ ପ୍ରତିହତ କରିବା ଲାଗି ଭାରତକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ତଥାପି ଆମେ ପ୍ରସ୍ତୁତ ଅଛୁ। ସ୍ୱାଧୀନତାର ଅମୃତକାଳ ଯାତ୍ରାର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସବୁ ଆହ୍ୱାନକୁ ପ୍ରତିହତ କରିବାର ଦର୍ପ ଓ ଦମ୍ଭ ସହ ଆମେ ଆଜି ଆମ ସ୍ୱାଧୀନ-ସାର୍ବଭୌମ, ବୀରତ୍ୱ-ବଳିଦାନ, ପ୍ରଗତି-ପ୍ରେରଣାର ପ୍ରତୀକ ତ୍ରିରଙ୍ଗା ତଳେ ସଗର୍ବେ ଏକାଠି ହୋଇ ସ୍ୱାଧୀନତା-ସ୍ୱାବଲମ୍ବନ-ସ୍ୱାଭିମାନର ଜୟଗାନ କରୁଛୁ।

ଆଜି ଆମେ ତ୍ରିରଙ୍ଗା ତଳୁ ବିଦେଶୀ ଅହଂକାରୀ ଶକ୍ତିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁ ଯେ ଭାରତ ଆଉ ଏବେ ୧୯୫୦-୬୦ କାଳଖଣ୍ଡରେ ସୀମାବଦ୍ଧ ନାହିଁ। ଅସହାୟତା ଓ ବାଧ୍ୟବାଧକତାର ଶିକୁଳି ଛିଣ୍ଡାଇ ଭାରତ ଏବେ ମହାଶକ୍ତିର ମୁକ୍ତବିହଙ୍ଗ ରୂପେ ବିଶ୍ୱଅତିକ୍ରମଣ କରିବାର କ୍ଷମତା ରଖିଛି। ଯେଉଁ ଆମେରିକା ଦିନେ ଭାରତକୁ ମାଗଣା ଦାନା ଦେଉଥିବାର ଗର୍ବ କରୁଥିଲା ଆଜି ସେହି ରାଷ୍ଟ୍ର ଭାରତର କୃଷି ଓ କୃଷକଙ୍କ ଉତ୍କର୍ଷରେ ଈର୍ଷାନ୍ୱିତ ଓ ଭୟଭୀତ ଏବଂ ଭାରତୀୟ କୃଷି ବଜାରରେ ପ୍ରବେଶ କରିବାକୁ ବ୍ୟାକୁଳ। ଭାରତର ଶ୍ରୀଅନ୍ନ ବା ମିଲେଟ୍ ଆଜି ଜାତିସଂଘରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନର ଅଧିକାରୀ ଏବଂ କ୍ଷୁଧାମୁକ୍ତ ବିଶ୍ୱ ଗଠନରେ ପ୍ରମୁଖ ଭାଗିଦାରୀ। ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ଅଭାବରୁ ୧୯୬୨ରେ ଚୀନ୍ ଆଗରେ ଏକପ୍ରକାର ଆତ୍ମସମର୍ପଣ କରିଦେଇଥିବା ଭାରତ ଏବେ ବିକଶିତ ରାଷ୍ଟ୍ରଙ୍କୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିପାରୁଛି। ନେଭିଗେସନ୍ ଓ ଜିପିଏସ୍ ସୂଚନା ସହାୟତା କ୍ଷେତ୍ରରେ ଆମେରିକାର ଅସହଯୋଗରୁ କାରଗିଲ୍ ଯୁଦ୍ଧରେ ପ୍ରଭୂତ କ୍ଷତି ସହିଥିବା ଭାରତ ଏବେ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳ ଅବତରଣ କରିବାର ବିରଳ ରେକର୍ଡ ପ୍ରତିଷ୍ଠା କରିଛି; ଉପଗ୍ରହ ପ୍ରେରଣରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନା କରିଛି; ସୂର୍ଯ୍ୟଙ୍କୁ ନିକଟକୁ ଯିବାର ଦୁର୍ବାର ସାହସ କରିଛି ଏବଂ ଗଗନଯାନ ପାଇଁ ନିଜକୁ ପ୍ରସ୍ତୁତ କରୁଛି।

୧୯୫୦ ଦଶକରେ ଗୋଷ୍ଠୀ ନିରପେକ୍ଷ ଭୂମିକା ତୁଲାଇଥିବା ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେଉଛି; ଜି-୨୦ର ଅଧ୍ୟକ୍ଷତା କରିଛି ଏବଂ ଆଗାମୀ ଦିନରେ ଅଲିମ୍ପିକ୍ ଓ ଜଳବାୟୁ ଶିଖର ସମ୍ମିଳନୀ ଆୟୋଜନ ଲାଗି ରୂପରେଖ ପ୍ରସ୍ତୁତ କରୁଛି। ସ୍ୱାଧୀନ-ସ୍ୱୟଂକ୍ରିୟ-ନୀତି ନିର୍ଦ୍ଧାରକ ଭାରତ ଆଉ ଏବେ କାହା ଅନୁମତି ଭିକ୍ଷା କରିବା ସ୍ଥିତିରେ ନାହିଁ। ବିଶ୍ୱର ପରିବର୍ତ୍ତିତ ବହୁଧ୍ରୁବୀୟ ଭୂରାଜନୈତିକ ସମୀକରଣରେ ଭାରତର ଅଭ୍ୟୁଦୟ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ ହୋଇଛି; ଅଥଚ ଭାରତର ସାର୍ବଭୌମତା, ଅଖଣ୍ଡତା ଓ ଏକତା ତା'ର ଶକ୍ତିରେ ରୂପାନ୍ତରିତ ହୋଇଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ଯାହାର ସିଂହଭାଗ ଯୁବଶକ୍ତି। ଏହି ଜନସାଂଖ୍ୟିକ ବିସ୍ଫୋରଣ ବିଶ୍ୱ ବୈଷୟିକ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଆମେରିକାର ବୃହତ୍ ଆଇଟି ହବ୍ ସିଲିକନ୍ ଭ୍ୟାଲି ଭାରତୀୟ ମେଧା ଭରସାରେ ଚାଲିଛି। ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍‌ର ମୁଖ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଯଥାକ୍ରମେ ୧୦୦ କୋଟି ଓ ୯୦ କୋଟି। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଅନ୍‌ଲାଇନ୍ ଆର୍ଥିକ ଦେଣନେଣ ମାଧ୍ୟମ 'ୟୁପିଆଇ' ଆମେରିକାର ଭିଜା ଓ ମାଷ୍ଟରକାର୍ଡକୁ ଟକ୍କର ଦେଉଛି। ଏହି ସଫଳତା ସ୍ୱାଧୀନତା ପରବର୍ତ୍ତୀ ଦୀର୍ଘକାଳୀନ ନିରନ୍ତର ଯୋଜନାବଦ୍ଧ ପ୍ରୟାସର ପ୍ରତିଫଳନ। ଭାରତ ବର୍ତ୍ତମାନ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ, ସବୁଜ ଶକ୍ତି ନିଜସ୍ୱ ଜ୍ଞାନକୌଶଳରେ ବିକଶିତ କରି ବିଶ୍ୱରେ ନିଜକୁ ପ୍ରତିଯୋଗୀକ୍ଷମ ହୋଇପାରିଛି। 'ମେକ୍ ଇନ୍ ଇଣ୍ଡିଆ' କେବଳ ଏକ ସ୍ଲୋଗାନ୍ ହୋଇ ରହିନାହିଁ, ଗୁଗୁଲ୍, ଆପ୍‌ଲ୍, ଟେସ୍‌ଲା ଭଳି କମ୍ପାନୀଙ୍କୁ ଭାରତରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆକୃଷ୍ଟ କରିଛି। ନିର୍ମାଣ ଓ ଯୋଗାଣରେ ଭାରତ ଏବେ ଚୀନ୍‌ର ବିକଳ୍ପ ଭାବେ ଉଭା ହୋଇଛି। ଏହା ନିଶ୍ଚିତ ଭାବେ ତ୍ରିରଙ୍ଗା ତଳେ ସ୍ୱାବଲମ୍ବନ ଓ ସ୍ୱାଭିମାନର ଜୟଗାନ କରିବାର ମହାର୍ଘ ମୁହୂର୍ତ୍ତ।

ସବୁଠାରୁ ବଡ଼ କଥା ହେଉଛି ସାମ୍ପ୍ରତିକ ଭୂ-ରାଜନୈତିକ ସମୀକରଣରେ ଉତ୍ତର-ଦକ୍ଷିଣ ବିଶ୍ୱ ଖେଳରେ ଭାରତ ଆଉ ଏକ ମୋହରା ହୋଇନାହିଁ କି କାହାର ଧମକ କିମ୍ବା ଚାପରେ ନିଷ୍ପତ୍ତି ନେଉନାହିଁ। ଭାରତ ବଶମ୍ବଦ ହେବା ପରିବର୍ତ୍ତେ ପ୍ରତିସ୍ପର୍ଦ୍ଧାର ଆସ୍ପର୍ଦ୍ଧା ରଖୁଛି ଏବଂ ନିଜକୁ ବିଶ୍ୱର ମହାଶକ୍ତି ରୂପେ ଉପସ୍ଥାପିତ କରିପାରିଛି। ଭାରତର ବିଶାଳ ଉପଭୋକ୍ତା ବଜାର ଏହାର ଶକ୍ତି, ଯାହା ଆମେରିକୀୟ ଶିଳ୍ପପତି ଏପରିକି ରାଷ୍ଟ୍ରପତିଙ୍କୁ ମଧ୍ୟ ଟାଣି ଆଣିପାରୁଛି। ଭାରତୀୟ ମୁଦ୍ରା 'ଟଙ୍କା'ର ବିଶ୍ୱାୟନ ଆରମ୍ଭ ହୋଇସାରିଛି, ଯାହା ଡଲାର ଆଧିପତ୍ୟକୁ ସଂକୁଚିତ କରିବାର ଅପାର ସମ୍ଭାବନା ସୃଷ୍ଟି ହୋଇ ଆମେରିକାକୁ ଭୟଭୀତ କରିଛି।

ବହୁମତ, ବହୁ ପନ୍ଥ, ବହୁ ବାଦ ଓ ବିବିଧ ସଂସ୍କୃତି ଭିତରେ ଭାରତର ସାର୍ବଭୌମତ୍ୱର ଶକ୍ତି ହେଉଛି ଏହାର ଏକତା, ଯାହାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ଓ ଗୌରବାନ୍ୱିତ। ଶାନ୍ତି, ସଂଯମ, ଭ୍ରାତୃତ୍ୱ ଆଦି ଅତିମାନବୀୟ ଗୁଣ ଭାରତର ଜନ୍ମଗତ। ଅହିଂସାର ଜନ୍ମଦାତା ଭାରତ 'ବସୁଧୈବ କୁଟୁମ୍ବକମ୍'ର ଉଦ୍‌ଘୋଷକ। ତେଣୁ ଭାରତର ସାର୍ବଭୌମ ଓ ଅଭ୍ୟୁଦୟ ଅନ୍ୟ ପାଇଁ ଆତଙ୍କ ଓ ବିପଦର ସଂକେତ ନୁହେଁ, ବରଂ ସ୍ୱାବଲମ୍ବନର ସନ୍ଦେଶ। ଯୁଦ୍ଧଖୋର ବିଶ୍ୱରେ ଭାରତ ଭ୍ରାତୃତ୍ୱର ବାର୍ତ୍ତାବହ। ଅତିମାନବିକତାର ଏହି ବିଶାଳ ଭିତ୍ତି ଉପରେ ପ୍ରଗତିର ପ୍ରତୀକ ତ୍ରିରଙ୍ଗା ତଳେ ଏକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇ ଭାରତୀୟତାର ଜୟଗାନ କରିବା ଲାଗି ଏହା ହିଁ ଶ୍ରେଷ୍ଠ ଅବକାଶ।

# ସମ୍ମାନ ଓ ପ୍ରେରଣାର ତ୍ରିରଙ୍ଗା

ପ୍ରହଲାଦ କୁମାର ସିଂହ

ସାହସ, ତ୍ୟାଗ, ସତ୍ୟ, ଶାନ୍ତି, ବିଶ୍ୱାସ, ବୀରତ୍ୱ, ପ୍ରଗତି ଓ ପ୍ରେରଣାର ଅଫୁରନ୍ତ ଉତ୍ସ ଆମ ତ୍ରିରଙ୍ଗା। ସ୍ୱାଧୀନତା, ସ୍ୱଦେଶୀ, ସ୍ୱାଭିମାନ, ସମ୍ମାନ, ସ୍ୱାବଲମ୍ବନ, ସାର୍ବଭୌମତ୍ୱର ଅମୃତ ସନ୍ଦେଶ ଦେଇ ଆସୁଥିବା ଆମ ଜାତୀୟ ପତାକା ତ୍ରିରଙ୍ଗା ପଛରେ ରହିଛି ହଜାର ହଜାର ସହିଦଙ୍କ ବଳିଦାନ ଏବଂ ଲକ୍ଷଲକ୍ଷ ସଂଗ୍ରାମୀଙ୍କ କାରା ଓ ନିର୍ଯାତନା ବରଣର ଇତିହାସ।

ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭଗିନୀ ନିବେଦିତା ୧୯୦୫ ମସିହାରେ ଭାରତ ପାଇଁ ଏକ ବର୍ଗାକୃତିର ନାଲି ପତାକା ତିଆରି କରିଥିଲେ। ଏହି ପତାକାର ଚାରିପଟର ଥିବା ଧଡ଼ିରେ ରହିଥିଲା ୧୦୮ଟି ପ୍ରଜ୍ୱଳିତ ଜ୍ୟୋତି ଓ ମଧ୍ୟଭାଗରେ ଶୋଭା ପାଉଥିଲା ଦେବରାଜ ଇନ୍ଦ୍ରଙ୍କ ବଜ୍ର। ବଜ୍ରର ଦୁଇପାର୍ଶ୍ୱରେ ବଙ୍ଗଳା ଭାଷାରେ ଲେଖାଥିଲା 'ବନ୍ଦେ ମାତରମ୍'। 'ବଙ୍ଗ ଭଙ୍ଗ ଆନ୍ଦୋଳନ' ସମୟରେ ବିପ୍ଳବୀମାନେ ୧୯୦୬ ମସିହା ଅଗଷ୍ଟ ୭ ତାରିଖରେ କଲିକତାର ଏକ ପାର୍କରେ ତିନି ରଙ୍ଗ ଥିବା ଏକ ପତାକା ଉଡ଼ାଇଥିଲେ। ଏହି ପତାକାର ଉପର ଅଂଶଟି ନୀଳ, ମଧ୍ୟଭାଗ ହଳଦିଆ ଓ ତଳପଟଟି ଲାଲ ବର୍ଣ୍ଣର ଥିଲା। ନୀଳ ଅଂଶରେ ୮ଟି ପଦ୍ମଫୁଲ, ଲାଲ ଅଂଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଛବି ଏବଂ ମଝିରେ ଥିବା ହଳଦିଆ ଅଂଶରେ ଲେଖାଯାଇଥିଲା 'ବନ୍ଦେ ମାତରମ୍'। ବିପ୍ଳବୀ ସତ୍ୟେନ୍ଦ୍ର ନାଥ ବୋଷ ଏହି ପତାକାର ସ୍ରଷ୍ଟା ବୋଲି କୁହାଯାଏ।

୧୯୦୭ ଅଗଷ୍ଟ ୨୨ ଆମ ପତାକାର ଇତିହାସରେ ଏକ ଅବିସ୍ମରଣୀୟ ଦିବସ। ଜର୍ମାନୀର ଷ୍ଟୁଟ୍‌ଗାର୍ଟ ସହରରେ ଅନୁଷ୍ଠିତ 'ଆନ୍ତର୍ଜାତିକ ସମାଜବାଦୀ କଂଗ୍ରେସ' ଅବସରରେ କାଥିଆବାଡ଼ର ଜଣେ ବିପ୍ଳବିନୀ ପାର୍ସି ମହିଳା ମାଡାମ୍ ଭିକାଜୀ ରୁସ୍ତମ କାମା ଜର୍ମାନୀ ମାଟିରେ ଇଂରେଜମାନଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ତାଙ୍କ ପ୍ରସ୍ତୁତ ଭାରତର ଜାତୀୟ ପତାକା ଉତ୍ତୋଳନ କରି ଅଗ୍ନିବର୍ଷୀ ଭାଷଣ ଦେଇ ଭାରତର ସ୍ୱାଧୀନତା ଓ ତା' ମାଧ୍ୟମରେ ବିଶ୍ୱର ଅନ୍ୟରାଷ୍ଟ୍ରର ମୁକ୍ତି ପାଇଁ ବିଶ୍ୱବାସୀଙ୍କ ସହଯୋଗ ଲୋଡ଼ିବା ସହ ପତାକାକୁ ସମସ୍ତେ ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରିବାକୁ ନିବେଦନ ରଖିଥିଲେ। ମାଡାମ୍ କାମାଙ୍କ ପତାକା ବି ଥିଲା ତ୍ରିରଙ୍ଗା। ଏହାର ଉପର ଅଂଶଟି ସବୁଜ, ମଧ୍ୟଭାଗ ହଳଦିଆ ଓ ନିମ୍ନ ଅଂଶ ଲାଲ ଥିଲା। ସବୁଜ ରଙ୍ଗର ପଟି ଉପରେ ୮ଟି ପଦ୍ମଫୁଲ, ଲାଲ ରଙ୍ଗ ଉପରେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଙ୍କ ଛବି ଏବଂ ହଳଦିଆ ରଙ୍ଗ ଉପରେ ଲେଖାଥିଲା 'ବନ୍ଦେ ମାତରମ୍'। ୧୯୧୬ ମସିହାରେ ଗଠିତ 'ଇଣ୍ଡିଆନ ଲିଗ୍' ପକ୍ଷରୁ ମଧ୍ୟ ଏକ ପତାକା ଉତ୍ତୋଳନ କରାଯାଇଥିଲା। ୧୯୧୭ରେ ଆନିବେଶାନ୍ତ ଆଉ ଏକ ପତାକା ସୃଷ୍ଟି କଲେ। ଏଥିରେ ୫ଟି ଲାଲ ଓ ୪ଟି ସବୁଜ ପଟି ରହିଥିବା ବେଳେ ସପ୍ତର୍ଷି ମଣ୍ଡଳ ସହିତ ଚନ୍ଦ୍ର ଓ ତାରାଙ୍କ ଛବି ଥିଲା। ଆନିବେଶାନ୍ତଙ୍କ ପତାକାର ବାମ କୋଣରେ ଇଂରେଜମାନଙ୍କ ଜାତୀୟ ପତାକା 'ୟୁନିଅନ ଜ୍ୟାକ୍'ର ପ୍ରତିଛବି ଥିବାରୁ ତାହା କ୍ରାନ୍ତିକାମୀ ଭାରତୀୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା।

ଦେଶପ୍ରେମୀ ପୋଙ୍ଗାଲି ଭେଙ୍କିଆ ୧୯୨୧ରେ ବେଜୱାଡାଠାରେ ମହାତ୍ମା ଗାନ୍ଧୀଙ୍କୁ ଭେଟି ଗୁଡ଼ିଏ ପତାକାର ନକ୍ସା ଦେଖାଇଥିଲେ। ଏଥିରୁ ଗୋଟିଏ ପତାକାରେ ଲାଲ ଓ ସବୁଜ ରଙ୍ଗର ପଟି ଉପରେ ବଡ଼ ଚରଖାର ଚିହ୍ନ ଥିଲା। ହିନ୍ଦୁ-ମୁସଲମାନ ଏକତା ପାଇଁ ଏହା ସହାୟକ ହେବ ବୋଲି ଭେଙ୍କିଆ ମତ ରଖିଥିଲେ। ତେବେ ଅନ୍ୟ ସଂପ୍ରଦାୟଙ୍କ ଲାଗି ଏଥିରେ ଧଳା ଚିହ୍ନର ପଟିଟି ଯୋଡ଼ିବା ପାଇଁ ଗାନ୍ଧୀ ଆଗ୍ରହ ପ୍ରକାଶ କରିଥିଲେ। ଅସହଯୋଗ ଆନ୍ଦୋଳନ କାଳରେ ଏହି ପତାକା ବ୍ୟବହୃତ ହେଉଥିଲା। ୧୯୨୯-୩୦ରେ ଲାହୋର କଂଗ୍ରେସ ଅଧିବେଶନରେ ଜାନୁଆରୀ ୨୬କୁ 'ପୂର୍ଣ୍ଣସ୍ୱରାଜ ଦିବସ' ଭାବେ ପାଳନ କରିବା ସହ ଦେଶବାସୀଙ୍କୁ ଏହି ପତାକା ତଳେ ସ୍ୱାଧୀନତାର ସଂକଳ୍ପ ନେବା ଲାଗି ଆହ୍ୱାନ ଦିଆଯାଇଥିଲା। ୧୯୩୦ରେ 'ଲବଣ ସତ୍ୟାଗ୍ରହ' ବେଳେ ପତାକାର ବ୍ୟବହାର ବ୍ୟାପକ ହୋଇଥିଲା।

୧୯୩୧ରେ ଅନୁଷ୍ଠିତ 'କରାଚୀ କଂଗ୍ରେସ ଅଧିବେଶନ'ରେ ଏକ କମିଟି ଗଢ଼ାଯାଇ ପତାକା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କମିଟି କରିଥିବା ସୁପାରିସ ମୁତାବକ କଂଗ୍ରେସ ପତାକାରେ କେଶରୀ, ଧଳା ଓ ସବୁଜ ରଙ୍ଗର ତିନୋଟି ପଟି ସହିତ ଧଳା ପଟି ଉପରେ ଚରଖା ସ୍ଥାନିତ ହେଲା। ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏହା ଥିଲା ଜୀବନଠାରୁ ବଳି ଅଧିକ ମୂଲ୍ୟବାନ। ୧୯୪୬ରେ ସ୍ୱିଜରଲାଣ୍ଡର ରାଜଧାନୀ ଜୁରିକ୍‌ରେ ଅନୁଷ୍ଠିତ ବିଶ୍ୱ ଅଲିମ୍ପିକ୍‌ରେ ବ୍ରିଟିଶ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିବା କ୍ରୀଡ଼ାବିତ୍ ଜାନକୀ ଦାସ ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ଥିବା ଏହି ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଇତିହାସ ରଚିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ'ର ଯେଉଁ ଝଣ୍ଡା ବର୍ଲିନରେ ଉତ୍ତୋଳନ କରିଥିଲେ ତାହା ବି ଥିଲା ତ୍ରିରଙ୍ଗା। ଏହାର ମଧ୍ୟ ଭାଗରେ ଧଳାପଟି ଉପରେ ଚରଖା ପରିବର୍ତ୍ତେ ଶୋଭା ପାଉଥିଲା ଲମ୍ଫ ପ୍ରଦାନକାରୀ ସିଂହର ଛବି।

ସ୍ୱାଧୀନତା ପୂର୍ବରୁ ଭାରତ ଶାସନ ବିଧେୟକ ସଭାରେ ୧୯୪୭ ଜୁନ୍ ମାସରେ ଏକ ସମିତି ଗଢ଼ାଯାଇ ଜାତୀୟ ପତାକା ସଂପର୍କରେ ଆଲୋଚନା କରାଯାଇଥିଲା। ୧୯୪୭ ଜୁଲାଇ ୨୨ ତାରିଖରେ ଭାରତ ଶାସନ ବିଧେୟକ ସଭା ତ୍ରିରଙ୍ଗା ଝଣ୍ଡାକୁ ଜାତୀୟ ପତାକାର ମାନ୍ୟତା ଦେଲେ, କିନ୍ତୁ ଏହାର ମଧ୍ୟଭାଗରେ ଚରଖାର ସ୍ଥାନ ନେଲା ସାରନାଥର ୨୪ଟି ଅର ଥିବା ଅଶୋକଚକ୍ର, ଯାହାକୁ 'ଧର୍ମଚକ୍ର' ଓ 'ସମୟଚକ୍ର' ବୋଲି କୁହାଯାଏ। ଆମ ପତାକାର ଶୀର୍ଷଅଂଶରେ ଥିବା ନାରଙ୍ଗୀ ରଙ୍ଗ ସାହସ ଓ ତ୍ୟାଗର ପ୍ରତୀକ ହୋଇଥିବା ବେଳେ ଧଳା ରଙ୍ଗକୁ ସତ୍ୟ ଓ ଶାନ୍ତି ଏବଂ ସବୁଜ ରଙ୍ଗଟି ବିଶ୍ୱାସ, ବୀରତ୍ୱ ଓ ପ୍ରଗତିକୁ ସୂଚାଇଥାଏ। ଅଶୋକଙ୍କ ସାରନାଥର ଧର୍ମଚକ୍ର ଆମକୁ ସମୟ ସହ ସଚେତନ ରହିବା ସଙ୍ଗେ ସଙ୍ଗେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଉଥିବାରୁ ଏହି ଚକ୍ରକୁ ଆମ ଜାତୀୟ ପତାକାରେ ସ୍ଥାନିତ କରାଯାଇଛି। ଚରଖା ଚିହ୍ନିତ ତ୍ରିରଙ୍ଗା ଝଣ୍ଡା କଂଗ୍ରେସର ପତାକା ହୋଇଥିବାରୁ ଜାତୀୟ ପତାକାକୁ ରାଜନୈତିକ ଦଳର ଗଣ୍ଡି ମଧ୍ୟରେ ସୀମିତ ନ ରଖିବା ପାଇଁ ସେତେବେଳର ଅଗ୍ରଣୀ କଂଗ୍ରେସ ନେତାମାନେ ନୂଆ ପତାକାର ପରିକଳ୍ପନା କରିଥିଲେ। ଶେଷରେ ଜାତିର ଜନକ ତଥା ସ୍ୱାଧୀନତା ସଂଗ୍ରାମର ସେନାପତି ମହାମାନବ ମହାତ୍ମା ଗାନ୍ଧୀ ଅଶୋକଚକ୍ର ଥିବା ଏହି ତ୍ରିରଙ୍ଗା ଝଣ୍ଡାକୁ ସ୍ୱୀକାର କରିଥିଲେ।

ଭାରତଛାଡ଼ ଆନ୍ଦୋଳନ କାଳରେ ତ୍ରିରଙ୍ଗା ଝଣ୍ଡାର ଟେକ ରଖିବା ଲାଗି ଓଡ଼ିଶାର ମାଥିଲି, ନିମାପଡ଼ା, ପାପଡ଼ାହାଣ୍ଡି, ଲୁଣିଆ, ଇରମ, ତୁଡ଼ିଗଡ଼ିଆ-ଖଇରାଡିହି, କାଇପଡ଼ା-କଳାମାଟିଆ ଆଦି ସ୍ଥାନରେ ବହିଥିଲା ରକ୍ତର ନଦୀ। ଏଥିପାଇଁ ଲକ୍ଷ୍ମଣ ନାୟକଙ୍କୁ ବି ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଲା। ଓଡ଼ିଶାରେ ଶତାଧିକ ସଂଗ୍ରାମୀ ସହିଦ ହୋଇଥିଲେ। ଏ ମାଟି ବଳିଦାନର ବୋଲି ସେମାନେ ପୁନର୍ବାର ପ୍ରମାଣିତ କରିଗଲେ।

ଇତିହାସ କୁହେ, ଆସାମର ଗୋପୁର୍ ଥାନା ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଯାଉଥିବା ବେଳେ ୧୪ବର୍ଷର ଝିଅ କନକଲତା ବଡୁଆ ଓ ଅନ୍ୟଜଣେ ଛାତ୍ର ମୁକୁନ୍ଦ ସହିଦ ହୋଇଥିଲେ। ପଶ୍ଚିମବଙ୍ଗର ମେଦିନପୁର ଅନ୍ତର୍ଗତ ତମଲୁକ ଥାନା ନିକଟରେ ତ୍ରିରଙ୍ଗାର ଟେକ ରଖିବା ଲାଗି ୧୩ବର୍ଷର ବାଳକ ଲକ୍ଷ୍ମୀନାରାୟଣ ଓ ୭୩ ବର୍ଷିୟା ବୃଦ୍ଧା ମାତଙ୍ଗିନୀ ହାଜରାଙ୍କ ସମେତ ଅନେକ ବଳିଦାନ ଦେଇଥିଲେ। 'କର ବା ମର' ଆନ୍ଦୋଳନ ସମୟରେ ପାଟନା ସଚିବାଳୟ ଉପରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଉଦ୍ୟମକରି ୭ଜଣ ଛାତ୍ର ସହିଦ ହୋଇଥିଲେ। ଜବାହରଲାଲ ନେହେରୁଙ୍କ ଆକଳନ ଅନୁଯାୟୀ ଏହି ଆନ୍ଦୋଳନରେ ଅନ୍ୟୁନ ୧୦ ହଜାର ଭାରତୀୟ ଜୀବନଦାନ ଦେଇଥିଲେ। ଆହ୍ଲାବାଦର କ୍ଲକ୍ ଟାୱାରକୁ ଘେରି ରହିଥିବା ସେନାବାହିନୀର ବ୍ୟୂହ ଭେଦକରି ଲାଲବାହାଦୁର ଶାସ୍ତ୍ରୀ ବୁର୍ଖା ପରିହିତା ମହିଳା ବେଶରେ ଉପରକୁ ଚଢ଼ି ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିଲେ। ବାସ୍ୟମ୍ ନାମକ ଅନ୍ୟଜଣେ ଯୁବ ସତ୍ୟାଗ୍ରହୀ ମାଡ୍ରାସରେ ସେନାବାହିନୀ ମୁଖ୍ୟ ଶିବିର ଭିତରେ ପଶି ୧୬୦ ଫୁଟ ଉଚ୍ଚ ବେତାର ଟାୱାର ଉପରେ ଏକ ସୁଦୀର୍ଘ ପତାକା ଉଡ଼ାଇବାର ସାହସ କରିଥିଲେ। ଭଦ୍ରକ କଚେରି ଉପରେ ସୁଧାକର ମିଶ୍ର ଓ ୱାରିସ୍ ମିଆଁ ତ୍ରିରଙ୍ଗା ଝଣ୍ଡା ଉଡ଼ାଇଥିବା ବେଳେ ରେଭେନ୍ସା କଲେଜର କ୍ରାନ୍ତିକାରୀ ଛାତ୍ରଛାତ୍ରୀମାନେ କଲେଜ ଉପରୁ ୟୁନିୟନ ଜ୍ୟାକ୍ ହଟାଇ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବାର ସଫଳ ପ୍ରଚେଷ୍ଟା କରିଥିଲେ। ଏମିତି ଉଦାହରଣ ଅସରନ୍ତି।

୧୯୪୭ ଅଗଷ୍ଟ ୧୫ଠାରୁ ଆମେ ସମ୍ମାନର ସହ ତ୍ରିରଙ୍ଗା ଉଡ଼ାଇ ଆସୁଛୁ ଏବଂ ଏହାର ଟେକ ରଖିବା ପ୍ରତି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି ସମ୍ବିଧାନ ଚେତାଇ ଦେଉଥିବା ବେଳେ ଆମ ଜାତୀୟ ପତାକାର ସଦ୍ ବ୍ୟବହାର ପାଇଁ ୨୦୦୨ ଜାନୁଆରୀ ୨୬ରୁ ଲାଗୁ ହୋଇଥିବା 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ'କୁ ଆମେ ଗ୍ରହଣ କରିନେଇଛୁ। ପ୍ରତ୍ୟେକ ଭାରତୀୟ ନାଗରିକ ସେମାନଙ୍କ ଘର ଓ ଅନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆମ ସୁପ୍ରିମକୋର୍ଟ ମଧ୍ୟ ରାୟ ଦେଇଛନ୍ତି।

ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ କୃତଜ୍ଞତାର ସହ ସମସ୍ତ ସ୍ୱାଧୀନତା ସଂଗ୍ରାମୀ, ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସତ୍ୟାଗ୍ରହୀ, କ୍ରାନ୍ତିକାରୀ ଓ ସୈନିକ ଏବଂ ଦେଶର ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମାଜସେବୀ, କୃଷକ, ଶ୍ରମିକ, ବୈଜ୍ଞାନିକ, ଶିକ୍ଷକ, ବୈଷୟିକ ବିଶେଷଜ୍ଞ ଓ ଅନ୍ୟ ଚିନ୍ତାନାୟକ ତଥା ସଂସ୍କାରକମାନଙ୍କୁ ସ୍ମରଣ କରୁଛୁ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ଆର୍ଥିକ ସ୍ୱାଧୀନତା

ଅନନ୍ତ ଚରଣ ସ୍ୱାଇଁ

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଆଦି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। ସେଥିପାଇଁ ପ୍ରତ୍ୟେକ ନାଗରିକ ଗର୍ବିତ। କେତେକ ସ୍ଥଳରେ ସ୍ୱାଧୀନତାର ଅପବ୍ୟବହାର, ସାଧାରଣ ବ୍ୟକ୍ତିଙ୍କୁ ବ୍ୟଥିତ କରେ। ବାକ୍ ସ୍ୱାଧୀନତା ନାଁରେ ଅସାମ୍ବିଧାନିକ ମତାମତ, ବିଶୃଙ୍ଖଳା ସୃଷ୍ଟିକାରୀ ବକ୍ତବ୍ୟ, ହିଂସା ପ୍ରଣୋଦିତ, ପୋଷାକ ପତ୍ରର ସ୍ୱାଧୀନତା ଦର୍ଶାଇ ଅଶାଳୀନ ପରିଧାନ ବ୍ୟବହାର କରିବା ମଧ୍ୟ ନିନ୍ଦନୀୟ। ଅନେକ ସ୍ଥଳରେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ କଦର୍ଥର ରୂପ ଦିଆଯାଉଛି।

ଆମେ ସମସ୍ତେ ସ୍ୱାଧୀନ ହେବାକୁ ଚାହୁଁଛୁ। ସ୍ୱାଧୀନତାର ଅର୍ଥ କେବଳ ରାଜନୈତିକ କିମ୍ବା ସାମାଜିକ ସ୍ୱାଧୀନତା ନୁହେଁ। ଆର୍ଥିକ ସ୍ୱାଧୀନତା ସେଥିମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ସ୍ୱାଧୀନତା ହେଉଛି ଏକ ଅବସ୍ଥା, ଯେଉଁଠାରେ ଜୀବନ ଜିଇଁବା ପାଇଁ କାହାରି ଆର୍ଥିକ ସହାୟତା ଉପରେ ନିର୍ଭର କରିବାକୁ ପଡ଼େ ନାହିଁ କିମ୍ବା ବାଧ୍ୟତାମୂଳକ କାମ କରି ରୋଜଗାର କରିବାର ପ୍ରୟୋଜନ ମଧ୍ୟ ନଥାଏ। ଆୟ ଉତ୍ସ ସ୍ୱୟଂପ୍ରେରିତ ଭାବେ ବା ନିଷ୍କ୍ରିୟ ଆୟ ରୂପେ ସମସ୍ତ ଖର୍ଚ୍ଚର ଭରଣା କରିଥାଏ। ଅନ୍ତତଃ ଅର୍ଥ ପାଇଁ କାହାରି ଉପରେ ଭରସା ନରଖି ଆତ୍ମନିର୍ଭର ହେବା, ବଞ୍ଚିଥିବା ଯାଏଁ ସ୍ଥିର ଆୟ, ବ୍ୟୟ ନିୟନ୍ତ୍ରଣ, ଦୀର୍ଘକାଳୀନ ଆର୍ଥିକ ଯୋଜନା ପ୍ରସ୍ତୁତ କରି ସେହି ଅନୁଯାୟୀ ପରିଚାଳିତ ହେବା ହେଉଛି ଆର୍ଥିକ ସ୍ୱାଧୀନତା।

ଆର୍ଥିକ ସ୍ୱାଧୀନତା ପାଇଁ ଆୟ ବୃଦ୍ଧି, ଦକ୍ଷତାରେ ଉନ୍ନତି, ପାର୍ଶ୍ୱ ବ୍ୟବସାୟ, ବଜେଟିଂ, ଅର୍ଥ ବିନିଯୋଗ ଓ ନିଷ୍କ୍ରିୟ ଆୟ ଉପରେ ନିର୍ଭରଶୀଳ ହେବାକୁ ପଡ଼େ। ଚାକିରିରେ ଅନିଶ୍ଚିତତା, ମୁଦ୍ରାସ୍ଫୀତି, ଶିକ୍ଷା, ସାମାଜିକ ଉତ୍ସବ ଅନୁଷ୍ଠାନ, ଚିକିତ୍ସା ପରି ପାରିବାରିକ ଦାୟିତ୍ୱ ଏବଂ ବୃଦ୍ଧାବସ୍ଥାରେ ସୁରକ୍ଷା ପାଇଁ ଦରକାର ହେଉଥିବା ଅର୍ଥ ନିମନ୍ତେ କାହାରି ଉପରେ ନିର୍ଭର ନହେବାକୁ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଆର୍ଥିକ ସାକ୍ଷରତାର ଅଭାବ, ତତ୍କାଳୀନ ସୁଖର ଆକର୍ଷଣ, ଋଣ ଯନ୍ତା, ଦରଦାମ ବୃଦ୍ଧି, କ୍ରେଡିଟ କାର୍ଡ ଉପରେ ଅଧିକ ନିର୍ଭରଶୀଳତା ଆଦି ଆର୍ଥିକ ସ୍ୱାଧୀନତା ଆଣିବାରେ ପ୍ରତିବନ୍ଧକ।

ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ପିଲାଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ସମସ୍ତେ ଜଡ଼ିତ। ଏହି ସଂଗ୍ରାମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଧାରିତ। ଯୁବ ପିଢ଼ିଙ୍କ ପାଇଁ ବର୍ତ୍ତମାନ ହେଉଛି ବହୁ ମୂଲ୍ୟବାନ। ବିଳମ୍ବ ନକରି ଆୟର କିଛିଅଂଶ ଭବିଷ୍ୟତ ପାଇଁ ସଞ୍ଚୟ ଓ ନିବେଶ କଲେ ବୃଦ୍ଧାବସ୍ଥା ବେଳକୁ ଏହା ବୃଦ୍ଧି ପାଇ ଏକ ବୃହତ ରାଶିରେ ପରିଣତ ହେବ ଏବଂ ଆର୍ଥିକ ସ୍ୱଚ୍ଛଳତା ବା ଆର୍ଥିକ ସ୍ୱାଧୀନତା ମିଳିବ। ଶିଶୁ ଓ



କିଶୋରମାନେ ମଧ୍ୟ ଏହି ଆର୍ଥିକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ପାରିବେ। ସେମାନଙ୍କୁ ମିଳୁଥିବା ପକେଟ ଖର୍ଚ୍ଚରୁ ବଞ୍ଚାଇ ସଞ୍ଚୟ କରିବା, ଜନ୍ମ ଦିନ, ବ୍ରତଘର ପରି ଉତ୍ସବଗୁଡ଼ିକରେ ଅତ୍ୟଧିକ ବ୍ୟୟ ନକରି ଖର୍ଚ୍ଚ କାଟି ତାହା ସଞ୍ଚୟ ଏବଂ ଠିକ ଭାବେ ବିନିଯୋଗ କଲେ ଭବିଷ୍ୟତରେ ଚକ୍ରବୃଦ୍ଧି ହାରରେ ଏହା ଆଶାତୀତ ବୃଦ୍ଧି ପାଇଥାଏ।

ବରିଷ୍ଠ ନାଗରିକ, ଶିଶୁ, କିଶୋର ଓ ଯୁବକମାନଙ୍କ ଆର୍ଥିକ ଜ୍ଞାନ, ଆର୍ଥିକ ସ୍ୱାଧୀନତା, ଆର୍ଥିକ ପରାଧୀନତାର କାରଣ ଓ ନିରାକରଣ, ସେମାନେ କରିଥିବା ଭୁଲର ପୁନରାବୃତ୍ତି ନକରିବା ଏବଂ ସେମାନଙ୍କର ଆର୍ଥିକ ସଫଳତାର କାରଣ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଫଳପ୍ରଦ ହୋଇଥାଏ। ସ୍ୱାଧୀନ ଦେଶରେ ଆର୍ଥିକ ପରାଧୀନ ହେଉଛି ଏକ ଅଭିଶାପ। ଆର୍ଥିକ ସ୍ୱାଧୀନତା ପାଇଁ ସଚେତନତା ସହ ଉପଯୁକ୍ତ ସଂଗ୍ରାମ ଦରକାର। ଠିକ ସମୟରେ ଠିକ ନିଷ୍ପତ୍ତି ଆର୍ଥିକ ସ୍ୱାଧୀନତା ଆଣିବାରେ ସକ୍ଷମ। ଏହାକୁ କାର୍ଯ୍ୟରେ ପରିଣତ କରିବା ଦାୟିତ୍ୱ ସବୁ ନାଗରିକଙ୍କର। ଆର୍ଥିକ ସ୍ୱାଧୀନତା ଏକ ଜୀବନ ଦର୍ଶନ। ଏହାଦ୍ୱାରା ଶରୀର, ଧନ ଓ ମନର ସଠିକ ସମନ୍ୱୟ ଘଟି ଜୀବନରେ ସୁଖ ଶାନ୍ତି ଆସିଥାଏ।

ଆର୍ଥିକ ସ୍ୱାଧୀନତା ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର। ଆର୍ଥିକ ସ୍ୱାଧୀନତା ନଥିଲେ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଉପଲବ୍ଧି କରିହେବ ନାହିଁ। ଆସନ୍ତୁ ସମସ୍ତେ ଶପଥ ନେବା - ନିଜର ଆର୍ଥିକ ସ୍ୱାଧୀନତା ଆଣିବା ସହ ଅନ୍ୟମାନଙ୍କ, ବିଶେଷକରି ଗରିବ ଲୋକଙ୍କ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହେବା।

ପଳେଇ(କେନ୍ଦ୍ରାପଡ଼ା) ମୋ: ୭୩୮୧୦୪୬୪୭୭୦

# ଖମ୍ବ ସ୍ୱରୂପରେ ପୂଜା ପାଆନ୍ତି ମେଘନାଦ

ଓଜସ୍ୱିନୀ

ଲଙ୍କାପତି ରାବଣ ଓ ମନ୍ଦୋଦରୀଙ୍କ ଜ୍ୟେଷ୍ଠପୁତ୍ର ମେଘନାଦ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ କରି ସ୍ୱର୍ଗ ଅଧିକାର କରିଥିଲେ। ତେଣୁ ତାଙ୍କର ଅନ୍ୟ ଏକ ନାମ ଇନ୍ଦ୍ରଜିତ। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କୃପାରୁ ସେ ହୋଇପାରିଥିଲେ ବ୍ରହ୍ମାସ୍ତ୍ର, ନାରାୟଣାସ୍ତ୍ର ଓ ପଶୁପାତାସ୍ତ୍ରର ଅଧିକାରୀ। ଅନେକ ଚମତ୍କାରୀ ଦିବ୍ୟାସ୍ତ୍ର, ତନ୍ତ୍ର ବିଦ୍ୟା ଓ ସିଦ୍ଧି ହାସଲ କରିଥିବା ମେଘନାଦଙ୍କ ପିତୃଭକ୍ତି ରାମତୁଲ୍ୟ ବୋଲି ବର୍ଣ୍ଣିତ। ମେଘନାଦ ଆସୁରିକ ଶକ୍ତିର ପ୍ରତୀକ ହୋଇଥିଲେ ମଧ୍ୟ ଭାରତର କେତେକ ଜନଜାତିଙ୍କ ପାଇଁ ପୂଜନୀୟ। ସେମାନେ ମେଘନାଦଙ୍କୁ କୁଳଦେବତା ଭାବେ ପୂଜା କରୁଛନ୍ତି। ଏଥିସହିତ ପ୍ରକୃତିର ରକ୍ଷାକର୍ତ୍ତା ଭାବେ ମେଘନାଦଙ୍କ ପୂଜାର୍ଚ୍ଚନା ଓ ଆଶିଷ ଲାଭ ପାଇଁ ପ୍ରତିବର୍ଷ ଆୟୋଜନ କରନ୍ତି ମେଘନାଦ ମେଳା।

ମଧ୍ୟପ୍ରଦେଶର ସୀମାନ୍ତ ଅଞ୍ଚଳ ଛିନ୍ଦୱାଡ଼ା ଜିଲ୍ଲାର ଉମରେଠ, ବେତୁଲ, ସାରନା, ସତପୁଡ଼ା ଓ ଚୋରଇ ଆଦି କେତେକ ଅଞ୍ଚଳରେ ବସବାସ କରୁଥିବା କୋରାକୁ ଓ ଭାରିଆ ଜନଜାତି ସମ୍ପ୍ରଦାୟଙ୍କ ନିଜକୁ ରାବଣଙ୍କ ବଂଶଜ ବୋଲି ମାନୁଥିବାରୁ ମେଘନାଦଙ୍କୁ କୁଳଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ମୁଖ୍ୟତଃ ଭଲ ବର୍ଷା ଓ ଉତ୍ତମ ଫସଲ, ମନୋବାଞ୍ଛା ପୂରଣ, ସନ୍ତାନର ମଙ୍ଗଳକାମନା, ସମସ୍ୟାର ସମାଧାନ ଏବଂ ଉତ୍ତମ ପାରିବାରିକ ଜୀବନ ପାଇଁ ମେଘନାଦଙ୍କୁ ପୂଜା କରାଯିବାର ପରମ୍ପରା ସେଠାରେ ପ୍ରଚଳିତ। ହୋଲି ପରଦିନଠାରୁ ପାଞ୍ଚଦିନ (ସ୍ଥାନୀୟ ଭାଷାରେ ରଙ୍ଗପଞ୍ଚମୀ) ପର୍ଯ୍ୟନ୍ତ ସେହି ଅଞ୍ଚଳରେ ମେଘନାଦ ମେଳାର ଆୟୋଜନ ହୋଇଥାଏ। ଏଥିରେ କୃଷକ ଓ ଯୁବବର୍ଗଙ୍କ ଅଧିକ ସମାଗମ ହୁଏ। ଗୋଟିଏ ଉଚ୍ଚ ସିଧା ଗଛର ଗଣ୍ଡିକୁ କାଟି ଗାଁର ମଧ୍ୟଭାଗରେ କିମ୍ବା ମନ୍ଦିର ପାଖରେ ପୋତା ଯାଇଥାଏ। ଏହି ଗଣ୍ଡି ବା ଖମ୍ବର ଉଚ୍ଚତା ୨୫ରୁ ୪୦ ଫୁଟ ହୋଇଥାଏ। ମେଘନାଦଙ୍କ ପ୍ରତୀକାତ୍ମକ ସ୍ୱରୂପ ଭାବେ ପୂଜା କରାଯାଉଥିବା ଏହି ଖମ୍ବକୁ 'ଖଣ୍ଡେରା ଦେବ', 'ଖଣ୍ଡେରା ବାବା' ବା 'ମେଘନାଦ ଖମ୍ବ' ବୋଲି କୁହାଯାଏ। ଖମ୍ବକୁ ଗେରୁଆ ରଙ୍ଗରେ ସଜାଇବା ପରେ ଶୀର୍ଷ ଭାଗରେ ଅନ୍ୟ ଗୋଟିଏ କାଠକୁ ସମାନ୍ତରାଳ ଭାବେ ରଖାଯାଏ। ଏହି କାଠରେ ନିଜକୁ ବାନ୍ଧି ଭକ୍ତମାନେ ଘୂରି ଘୂରି ମନସ୍କାମନା ପୂରଣ ପାଇଁ ମେଘନାଦଙ୍କୁ ଆଶିଷ ଭିକ୍ଷା କରିଥା'ନ୍ତି। ମନସ୍କାମନା ପୂରଣ ହେବା ପରେ ମେଘନାଦଙ୍କୁ ଧନ୍ୟବାଦ ଦେବା ପାଇଁ ଖମ୍ବରେ ଚଢ଼ି ଘୂରିବାର ମଧ୍ୟ ପ୍ରଥା ରହିଛି। ମେଘନାଦଙ୍କ କୁଳଦେବୀ ନିକୁମ୍ଭିଲାଙ୍କ ବିଶେଷ ପୂଜାର୍ଚ୍ଚନା ପରେ ପୂଜାରୀ ଗୋଟିଏ ନଡ଼ିଆକୁ ବହୁ ଉଚ୍ଚକୁ ଫୋପାଡ଼ି ଦେଇଥା'ନ୍ତି। କିଛି ସମୟ ପରେ ଉକ୍ତ ନଡ଼ିଆକୁ ଭାଙ୍ଗିଦିଆଯାଏ। ଯଦି ନଡ଼ିଆରୁ ପାଣି କମ୍ ବାହାରେ, ତା'ହେଲେ କମ୍ ବର୍ଷା ହେବ ଏବଂ ଅଧିକ ପାଣି ବାହାରିଲେ ଭଲ ବର୍ଷା ହେବାର ଆଗୁଆ ସୂଚନା ମିଳିଥାଏ। ପ୍ରାୟ ୩୦୦ ବର୍ଷ ଧରି ମେଘନାଦ ମେଳାକୁ ନେଇ ଏହଭଳି ବିଶ୍ୱାସ ରହିଆସିଛି।

## ବିଚିତ୍ର ବିଶ୍ୱାସ

ଛିନ୍ଦୱାଡ଼ା ଜିଲ୍ଲାସ୍ଥିତ ଏକାଧିକ ଗାଁର ନାମ ମଧ୍ୟ ମେଘନାଦ ଓ ଅସୁରରାଜ ରାବଣଙ୍କ ନାମାନୁସାରେ ରଖାଯାଇଛି। ସ୍ଥାନୀୟ ଲୋକକଥା ଅନୁସାରେ ଛିନ୍ଦୱାଡ଼ା ଜିଲ୍ଲାର ତାମିଆ ନାମକ ସ୍ଥାନ ନିକଟବର୍ତ୍ତୀ ପାତାଳକୋଟକୁ ଅହିରାବଣଙ୍କ ପାତାଳଲୋକ ବୋଲି କୁହାଯାଉଛି। ଅହିରାବଣ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଅପହରଣ କରି ଏହି ପାତାଳକୋଟରେ ହିଁ ରଖିଥିଲେ। ସ୍ଥାନୀୟ ଲୋକଗୀତରେ ମଧ୍ୟ ରାବଣ ଓ ମେଘନାଦଙ୍କ ଅନେକ କାହାଣୀ ଶୁଣିବାକୁ ମିଳିଥାଏ। ଏହା ବ୍ୟତୀତ ମଧ୍ୟପ୍ରଦେଶର ମଣ୍ଡି ବାମୋରା ଅନ୍ତର୍ଗତ ପଲିତା ନାମକ ଗାଁରେ ମେଘନାଦଙ୍କ ଏକ ମନ୍ଦିର ରହିଛି। ଗାଁର ପରମ୍ପରା ଅନୁଯାୟୀ ଅନୁଯାୟୀ ଦଶହରାରେ ରାବଣଙ୍କ କୁଶ ପୁତ୍ତଳିକା ଦହନ ପରିବର୍ତ୍ତେ ମେଘନାଦଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାରେ ଲୋକମାନେ ମେଘନାଦଙ୍କୁ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସମତୁଲ୍ୟର ମାନ୍ୟତା ଦେଇଛନ୍ତି। ତେଣୁ ପ୍ରଥମେ ମେଘନାଦଙ୍କ ପୂଜା ପରେ ଅନ୍ୟ ଦେବଦେବୀଙ୍କ ପୂଜା କରାଯାଏ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମେଘନାଦଙ୍କୁ ଶ୍ରୀଫଳ ସମର୍ପଣ ହୁଏ। ଏହି ଅଞ୍ଚଳରେ କାନ୍ୟକୁବ୍‌ଜ ବ୍ରାହ୍ମଣମାନେ ରହନ୍ତି, ଯେଉଁମାନେ ନିଜକୁ ରାବଣଙ୍କ ବଂଶଜ ବୋଲି କହନ୍ତି। ତେଣୁ ରାବଣଙ୍କ ପୁତ୍ର ମେଘନାଦଙ୍କ ପୂଜାର୍ଚ୍ଚନା ବିଧିବିଧାନର ସହିତ କରାଯାଏ। ଏହି ଗ୍ରାମରେ ମେଘନାଦ ଅଖଣ୍ଡ ତପସ୍ୟା କରିଥିଲେ ବୋଲି ଲୋକୋକ୍ତି ଅଛି। ତେଣୁ ତପସ୍ୟା କରିଥିବା ସ୍ଥାନରେ ଆଜି ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଶୁଦ୍ଧ ଘିଅ ଦୀପ ପ୍ରଜ୍ୱଳନ କରି ମେଘନାଦଙ୍କ ଆଶିଷ ଭିକ୍ଷା କରୁଛନ୍ତି। କାହିଁ କେଉଁ କାଳରୁ ଚାଲି ଆସିଥିବା ଆସ୍ଥା ଓ ବିଶ୍ୱାସର ଏହି ଧାରାରେ ଅସୁରମାନେ ମଧ୍ୟ ଦେବତା ପାଲଟି ଯାଇଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ୬୫ ଲକ୍ଷ ଭୋଟରଙ୍କ...

ତାଲିକାରୁ ବାଦ୍ ପଡ଼ିଛି ସେମାନେ ଆଧାର କାର୍ଡ ସହିତ ନିର୍ବାଚନ ଅଫିସ ଯାଇ ନିଜର ନାମକୁ ସାମିଲ କରିପାରିବେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ପହିଲାରେ କମିସନ ପକ୍ଷରୁ ଯେଉଁ ଭୋଟର ଚିଠାତାଲିକା ପ୍ରକାଶ କରାଯାଇଛି ସେଥିରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏହି ଭୋଟରଙ୍କ ନାମ ପୁରୁଣା ତାଲିକାରେ ଥିଲା । କମିସନ କହିଥିଲେ ଯେ ଯେଉଁମାନଙ୍କ ନାମ କଟାଯାଇଛି ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୩୪ ହଜାର ଜୀବିତ ନୁହନ୍ତି, ୩୬ ଲକ୍ଷ ୨୮ ହଜାର ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ରହିଛି । କମିସନ ଏହି ସଂଖ୍ୟା ଦେଇଥିଲେ ମଧ୍ୟ ଭୋଟରଙ୍କ ନାମ କିମ୍ବା ବାଦ୍ ପଡ଼ିବାର କାରଣ ଦର୍ଶାଇ ନଥିଲେ । ୨୦୦୩ରେ ଭୋଟର ତାଲିକା ସଂଶୋଧନ ବେଳେ କେଉଁ ଦସ୍ତାବିଜ ଦାଖଲ ପାଇଁ କୁହାଯାଇଥିଲା, ସେସଂପର୍କରେ ମଧ୍ୟ ରିପୋର୍ଟ ଦେବାଲାଗି କୋର୍ଟ ନିର୍ବାଚନ କମିସନଙ୍କୁ କହିଛନ୍ତି । ଆଜି ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ୨୦୦୩ ଭୋଟର ତାଲିକାରେ ଯେଉଁ ଭୋଟର ବା ସେମାନଙ୍କ ପିତାମାତାଙ୍କର ନାମ ରହିଥିଲା, ସେମାନଙ୍କ ଠାରୁ କୌଣସି ଦସ୍ତାବଜିତ ମଗାଯାଇ ନାହିଁ । ସେ ଆହୁରି କହିଥିଲେ ଯେ ଇଭିଏମକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଚାଲିଥିବା ବିବାଦରେ କମିସନକୁ ଅନାବଶ୍ୟକ ଭାବେ ଟଣାଯାଉଛି ।

### ୪୬ ମୃତ...

ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ପାଇଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଦ୍ଧାର ଅଭିଯାନରେ ସେନାକୁ ସାମିଲ କରାଯାଇଛି । ମାଟିତଳେ ୨୦୦ରୁ ୩୦୦ ଲୋକ ଫସିଥିବା ଆଶଙ୍କା କରାଯାଉଛି ବୋଲି ଡେପୁଟି କମିସନର ପଙ୍କଜ ଶର୍ମା କହିଛନ୍ତି । ଏନ୍‌ଡିଆରଏଫ୍‌ର ଦୁଇଟି ଦଳକୁ ଘଟଣା ସ୍ଥଳକୁ ପଠାଯାଇଛି । ସେ କହିଛନ୍ତି ଯେ ହଜାର ହଜାର ଶ୍ରଦ୍ଧାଳୁ ମଚୈଲ ଯାତ୍ରା ପାଇଁ ଚୋସିତି ଗାଁରେ ପହଞ୍ଚିଥିବା ବେଳେ ଏହି ଅଘଟଣ ଘଟିଥିଲା । ଯେଉଁ ଯାତ୍ରା ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା ସେହିଠାରେ ହିଁ ପ୍ରବଳ ବର୍ଷା ହୋଇଥିଲା । ଏହି ସ୍ଥାନରେ ଶ୍ରଦ୍ଧାଳୁଙ୍କ ବସ, ଟେଣ୍ଟ, ଲଙ୍ଗର ଓ କେତୋଟି ଦୋକାନ ଥିଲା । ସବୁ ବନ୍ୟାରେ ଭାସି ଯାଇଛି । ମଚୈଲ ତୀର୍ଥ ଯାତ୍ରା ପ୍ରତିବର୍ଷ ଅଗଷ୍ଟ ମାସରେ ହୋଇଥାଏ । ଏହି ଯାତ୍ରାରେ ସାମିଲ ହେବାକୁ ହଜାର ହଜାର ଶ୍ରାଦ୍ଧାଳୁ ଦେଶର ବିଭିନ୍ନ ସ୍ଥାନରୁ ଆସିଥାନ୍ତି । ଯାତ୍ରା ଜୁଲାଇ ୨୫ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ ।

### ଜିଦ୍‌ରେ ଅଟଳ...

ବୋଲି ଚେତାବନୀ ଦେଇଛନ୍ତି । ସାରା ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ୪ ଦିନ ହେବ କାମ ବନ୍ଦ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ସରକାରୀ ସେବାରୁ ବଞ୍ଚିତ ହୋଇଛନ୍ତି । ରାଜ୍ୟ ସରକାର ଲୋକଙ୍କର କୌଣସି ସମସ୍ୟାକୁ ବରଦାସ୍ତ କରାଯିବ ନାହିଁ ବୋଲି କହୁଥିଲେ ମଧ୍ୟ ସଂଘ ସହ ଆଲୋଚନା ନିମନ୍ତେ ଆଗ୍ରହ ପ୍ରକାଶ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୂହ ଛୁଟିରେ ଯିବା ନିଷ୍ପତ୍ତି ପୂର୍ବରୁ ନିଜର ଦାବି ପୂରଣ ନେଇ ସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜୁଲାଇ ୭ ତାରିଖରୁ ସଂଘର ସମସ୍ତ ସଦସ୍ୟ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ସେହିପରି ସମୟରେ ଜୁଲାଇ ୯ ତାରିଖ ଦିନ ରାଜ୍ୟ ସରକାରଙ୍କଠାରୁ ଆଲୋଚନା ପାଇଁ ଡାକରା ଆସିଥିଲା । ରାଜସ୍ୱ ମନ୍ତ୍ରୀ ରାଜ୍ୟ ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ୧୫ ଦିନ ଭିତରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନାହାନ୍ତି । ଯାହାକୁ ନେଇ ସଂଘ ସରକାରଙ୍କ ଉପରେ ଭରସା ତୁଟାଇ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି ।

ଅନ୍ୟପକ୍ଷରେ ସରକାର ଆଲୋଚନା କରିବା ପରିବର୍ତ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବା ସରକାରଙ୍କ ପାଇଁ ବୁମେରାଂ ହୋଇଛି । ମନ୍ତ୍ରୀଙ୍କ ଧମକ, ସଚିବଙ୍କ ଚେତାବନୀ ଅମଲା ସଂଘକୁ ଅଧିକ କ୍ରୋଧିତ କରିଛି । ଫଳରେ ସଂଘ ବିନା ଆଲୋଚନାରେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ସଫା ମନା କରିଛି । ଯଦି ସରକାର ଲୋକଙ୍କ ସୁବିଧା ଚାହୁଁଛନ୍ତି, ତେବେ ଆଲୋଚନା କରିବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି । ରାଜସ୍ୱ ଅମଲାମାନେ ଲୋକଙ୍କ ପାଇଁ କାମ କରୁଛନ୍ତି, ସରକାର ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତୁ ଓ ଚେତାବନୀ ନ ଦେଇ ଆମର ନ୍ୟାଯ୍ୟ ଦାବି ପୂରଣ କରନ୍ତୁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସ୍ୱାଧୀନତା ଦିବସରେ ସଂଘର ସମସ୍ତ ସଦସ୍ୟ ଅର୍ଥାତ ରାଜସ୍ୱ ଅମଲାମାନେ ପତାକା ଉତ୍ତୋଳନ ସମ୍ପର୍କିତ ଜାତୀୟ ଉତ୍ସବରେ ଯୋଗ ଦେବେ; ମାତ୍ର ପୂର୍ବବତ୍ ସମୂହ ଛୁଟି ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

### ଲାଗି ରହିବ...

ହୀରାକୁଦ ଓ ରାଉରକେଲା ଆଦିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ଅଧିକ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ । ତେଣୁ ଅଗଷ୍ଟ ୧୫ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । ଅତିଥି ସତ୍କାର କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କାମ କରିବାରେ ସକ୍ଷମ ହେବେ ନାହିଁ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଫିସ ସହକର୍ମୀଙ୍କ ସହଯୋଗରେ କାମ ପୂରା କରିବେ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବା ବ୍ୟର୍ଥ । ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିପାରେ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

# ବାନ୍ଧବୀଙ୍କୁ ସଂଜ୍ଞାହୀନ କରି ଦୁଷ୍କର୍ମ

ତେଲକୋଇ, ୧୪।୮ (ସମିସ): ବାନ୍ଧବୀଙ୍କୁ ମାଡ଼ ମାରି ସଂଜ୍ଞାହୀନ କରିବା ପରେ ଦୁଷ୍କର୍ମ ଏବଂ ପରେ ଯୁବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ପଳାଇଲା ପୁରୁଷ ବନ୍ଧୁ । କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରୁ ଏଭଳି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ହୃଦାନନ୍ଦ ପାତ୍ର (୨୨) ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସଂପର୍କ ଥିଲା । ବୁଧବାର ସେ ନିଜର ସ୍ୱାସ୍ଥ୍ୟ ଖରାପ ଥିବା ବାହାନା କରି ତାଙ୍କୁ ଫୋନ୍ କରି ତେଲକୋଇକୁ ଡାକିଥିଲା । ପରେ ସେ ଯୁବତୀଙ୍କୁ ଏକ ଗାଡ଼ିରେ ଦେଉଳଡିହା ରାସ୍ତାର ହାତୀପୋଷ୍ଟର୍ ଆଡ଼କୁ ନେଇ ଯାଇଥିଲା ।



ମେଡିକାଲରେ ଛାଡ଼ି ପଳାଇଲା

ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲା । କିନ୍ତୁ ଯୁବତୀଜଣଙ୍କ ବାରଣ କରିବାରୁ ଏକ ବାଡ଼ିରେ ପିଟି ତାଙ୍କୁ ଲହୁଲୁହାଣ କରିଥିଲା । ପରେ ଯୁବତୀଙ୍କ ପିନ୍ଧିଥିବା ଚୁନୁରିରେ ତାଙ୍କ ବେକକୁ ଜୋରରେ ଭିଡ଼ି ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ମଧ୍ୟକୁ ନେଇ ଯାଇଥିଲା । ଯୁବତୀଜଣଙ୍କ ଚିତ୍କାର କରିବାରୁ ତାଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲା । ଯୁବତୀଜଣଙ୍କ ସଂଜ୍ଞାହୀନ ହୋଇପଡ଼ିବା ପରେ ହୃଦାନନ୍ଦ ତାଙ୍କୁ ଦୁଷ୍କର୍ମ କରିଥିଲା । କିଛି ସମୟ ପରେ ଯୁବତୀଙ୍କ ଚେତା ଫେରିବା ପରେ ସେ ପୁଣି ତାଙ୍କୁ ଦୁଷ୍କର୍ମ ପାଇଁ ଉଦ୍ୟମ କରିଥିଲା । ଭୟଭୀତ ହୋଇ ପୀଡ଼ିତା ପାଖରେ ଥିବା ଏକ ପୋଲ ତଳକୁ ଯାଇ ଲୁଚି ଯାଇଥିଲେ । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବାରୁ ସେ ପୁଣିଥରେ ସଂଜ୍ଞାହୀନ ହୋଇପଡ଼ିଥିଲେ । ତେବେ ହୃଦାନନ୍ଦ ତାଙ୍କୁ ଖୋଜି ବାହାର କରିବା ପରେ ଏକ ସ୍କୁଟିରେ ନେଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପରେ ସେଠାରୁ ପଳାଇଥିଲା । ଯୁବତୀଜଣଙ୍କ ସ୍କୁଟିରୁ ପଡ଼ି ଆହତ ହୋଇଛନ୍ତି ବୋଲି ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲା । ଗଲା ବେଳେ ସେ ଯୁବତୀଙ୍କ ପାଖରେ ଥିବା ୧୧ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲା ।

# ୧୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ, ୧୪।୮ (ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ୧୩ଜଣ ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି । ଏହି କ୍ରମରେ ସଞ୍ଜୀବ ଦୁବେଙ୍କୁ ସ୍ୱତନ୍ତ୍ର ବିଚାରପତି, ସିବିଆଇ ଅଦାଲତ ନମ୍ବର ୧, ଭୁବନେଶ୍ୱର, ସତ୍ୟପୀର ମିଶ୍ରଙ୍କୁ କଟକର ବିକ୍ରି କର ଟ୍ରିବ୍ୟୁନାଲର ପ୍ରଥମ ବିଚାର ବିଭାଗୀୟ ସଦସ୍ୟ, ଅନୁପ କୁମାର ଚନ୍ଦନ ବରଗଡ଼ ଜିଲ୍ଲା ଏବଂ ଦୌରାଜଜ୍, ଦୀପ୍ତିରଞ୍ଜନ କାନୁନଗୋଙ୍କୁ ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ, ପ୍ରଣମ କୁମାର ରାଉତ ଖରିଆର ଏଡିଜେ, ସରୋଜିନୀ ପତିଙ୍କୁ ଏସ୍.ସି. ଏବଂ ଏସ୍.ଟି (ପିଓ) ଆଇନ ଅନୁଯାୟୀ ସ୍ୱତନ୍ତ୍ର ଅଦାଲତର ପ୍ରିଜାଇଡିଂ ଅଫିସର, ଅଖିଳ କୁମାର ପଣ୍ଡିମକବାଟଙ୍କୁ ବୌଦ୍ଧ ଏଡିଜେ, ସ୍ରୋତସ୍ୱିନୀ କରଙ୍କୁ ନୀଳଗିରି (ନୂତନ) ଏଡିଜେ, ପ୍ରିୟରଞ୍ଜନ ମିଶ୍ରଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍, ଅଶୋକ କୁମାର ପହିଙ୍କୁ ବାଲେଶ୍ୱର ପରିବାର ଅଦାଲତ ବିଚାରପତି, ଅଞ୍ଜଳି କୁମାରୀ ପାଢ଼ୀଙ୍କୁ ବଲାଙ୍ଗିର ଦ୍ୱିତୀୟ ଅତିରିକ୍ତ ଜିଲ୍ଲାଜଜ୍, ରାଜକିଶୋର ଲେଙ୍କାଙ୍କୁ ଭୁବନେଶ୍ୱର ସିବିଆଇ. ଅଦାଲତ ନମ୍ବର-୨ ସ୍ୱତନ୍ତ୍ର ବିଚାରପତି ଓ ପ୍ରଭାକର ଗନ୍ଥିଆଙ୍କୁ କୁଚିଣ୍ଡା ଏଡିଜେ ଭାବେ ଅବସ୍ଥାପିତ କରାଯାଇଛି । ଏ ସଂକ୍ରାନ୍ତରେ ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଅମୂଲ୍ୟ ପ୍ରଧାନ ବୋର୍ଡର ନୂତନ ଉପସଭାପତି

## ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦାଙ୍କ ମଧ୍ୟ ବଦଳି

ଭୁବନେଶ୍ୱର, ୧୪।୮ (ସମିସ): ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ରେ ବଡ଼ଧରଣର ଅଦଳବଦଳ କରାଯାଇଛି । ପୂର୍ବରୁ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ନୀହାର ରଞ୍ଜନ ମହାନ୍ତିଙ୍କ ସ୍ଥାନରେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଥିବା ଅମୂଲ୍ୟ କୁମାର ପ୍ରଧାନଙ୍କୁ ବୋର୍ଡର ନୂତନ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି । ସେହିପରି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଥିବା ଅମ୍ରିତା ପ୍ରୀତିନନ୍ଦାଙ୍କୁ ମଧ୍ୟ ବଦଳି କରାଯାଇଛି । ତାଙ୍କୁ ଏସ୍‌ଆଇଏଲ୍‌ଟିଟିର ଯୁଗ୍ମ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସ୍ଥାନରେ ନବରଙ୍ଗପୁର ଏଡିଇଓ ଚକ୍ରଧର ବେହେରାଙ୍କୁ ପରୀକ୍ଷା ଉପନିୟନ୍ତ୍ରକ ଭାବେ ନିଯୁକ୍ତ କରାଯିବା ସହିତ ପରୀକ୍ଷା ନିୟନ୍ତ୍ରକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି । ଅନୁରୂପ ଭାବେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫେଜ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କୁ ଏସ୍‌ଆଇଏଲ୍‌ଟିଟିର ସହ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି । ବହୁ ବର୍ଷରୁ ବୋର୍ଡରେ ଆସ୍ଥାନ ଜମାଇଥିବା ଅଧିକାରୀଙ୍କ ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତି ଅଭିଯୋଗ ହେଉଥିବା ବେଳେ ବିଭାଗ ପକ୍ଷରୁ ଏହି ବଡ଼ଧରଣର ବଦଳି କରାଯାଇଛି । ଆଗକୁ ବୋର୍ଡ ସଭାପତିଙ୍କୁ ମଧ୍ୟ କାର୍ଯ୍ୟାନ୍ତର କରାଯାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ, ୧୪।୮ (ସମିସ): ଜନୈକା ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ମାମଲାରେ ମାହାଙ୍ଗା ଥାନା ଅନ୍ତର୍ଗତ ଅଞ୍ଚଳର ରଞ୍ଜିତ ଜେନା ଓରଫ ବୁଟୁନା(୨୪)କୁ ୨୦ ବର୍ଷ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ । ଅଦାଲତ ଆଇପିସିର ଦଫା ୩୬୩, ୩୭୬(୩) ଓ ପୋକସୋ ଆଇନର ଧାରା ୪ରେ ରଞ୍ଜିତକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି । ଏଥି ସହିତ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୩, ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟାରେ ୧୩ ବର୍ଷିୟା ପୀଡ଼ିତା ଅନ୍ୟ ଜଣେ ସାଙ୍ଗ ସହିତ ଟିଉସନ ଯାଇ ଆଉ ଘରକୁ ନଫେରିବାରୁ ପରଦିନ ପୀଡ଼ିତାଙ୍କ ମା ସଦର ଥାନାରେ ଏ ନେଇ ଏତଲା ଦେଇଥିଲେ । ସଦର ଥାନା ପୁଲିସ ଏତଲା ପଞ୍ଜୀକରଣ କରିବା ପରେ ତଦନ୍ତ ସମୟରେ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କୁ ରଞ୍ଜିତ ଅପହରଣ କରିବା ପରେ ଏକ ସ୍ଥାନରେ ରଖି ଦୁଷ୍କର୍ମ କରିଥିବା ତଦନ୍ତ ବେଳେ ଜଣା ପଡ଼ିଥିଲା । ପୁଲିସ ରଞ୍ଜିତକୁ ଗିରଫ କରିଥିଲା ବେଳେ ଗତ ୨୦୨୪, ମାର୍ଚ୍ଚ ୧୪ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା । ଏହି ମାମଲାରେ ମେ ୮ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ । ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା, ଏତଲାକାରୀଙ୍କ ସମେତ ୯ଜଣଙ୍କ ପ୍ରସିକ୍ୟୁସନ ତରଫରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

# ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୧୪।୮ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ଆଜି ଆଲୋଚନା କରିଛନ୍ତି । ଆଲୋଚନା ମଧ୍ୟରେ ୨୦୦୪ ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରି ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହାପରେ ଅର୍ଥ ବିଭାଗର ଅନୁମୋଦନ ପାଇଁ ପଠାଯିବ ବୋଲି ସଚିବ କହିଛନ୍ତି । ସେହିପରି ୧୯୯୩ ମସିହା କ୍ୟାଡର୍ ଉଚ୍ଛେଦ କରିବା ପାଇଁ ଡ୍ରାଫ୍ଟ କାର୍ଯ୍ୟ ସରିଛି; ଖୁବ୍‌ଶୀଘ୍ର ସମସ୍ତ ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପାଇଁ ଏକାବେଳେ ଲାଗୁ କରାଯିବ । ବିଶେଷ କରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ମଧ୍ୟ ପ୍ରଧାନ ଶିକ୍ଷକ ହୋଇପାରିବେ ବୋଲି ସଚିବ ସୂଚନା ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି । ଅନୁରୂପ ଭାବେ ପ୍ରୋମସନ୍ ପାଇଁ ଗ୍ରେଡେସନ୍ ଲିଷ୍ଟ ଦୁଇସପ୍ତାହ ମଧ୍ୟରେ ପ୍ରକାଶ ପାଇବ । ବଦଳି ସୁବିଧା ଯଥା ଟିଜି, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଦମ୍ପତି ବଦଳି, ଏକାଧିକ ଥର ସହମତି ବଦଳିକୁ ଅଗ୍ରାଧିକାର ଦିଆଯିବ । ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହ ୨୦୧୬ ବ୍ୟାଚ୍ ଶିକ୍ଷକଙ୍କ ବକେୟା ପାଉଣା, ଓଏସ୍‌ଏସ୍‌ଟିଇଟି ପାସ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିୟମିତ କରିବା, ଟିଜି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪୬୦୦ ଗ୍ରେଡ୍ ପେ, ବିଏ ବିପିଇଡି ଓ ସିପିଇଡି ଉତ୍ତୀର୍ଣ୍ଣଙ୍କୁ ୪୨୦୦ ଗ୍ରେଡ୍ ପେ ସହ ପୁରୁଣା ପେନସନ୍ ପରି ମୋଟ୍ ୧୩ଟି ଦାବି ଉପରେ ଆଲୋଚନା ହୋଇଥିବା ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେରାଙ୍କ ସମେତ ସଂଘର ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

# ନୂଆଖାଇଁ ପର ଦିନ ହାଇକୋର୍ଟ ଛୁଟି

କଟକ, ୧୪।୮ (ସମିସ): ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ହାଇକୋର୍ଟ ଛୁଟି ରହିବ । ନୂଆଁଖାଇ ପର ଦିନ ଅଗଷ୍ଟ ୨୯ ତାରିଖକୁ ହାଇକୋର୍ଟ ପକ୍ଷରୁ ଛୁଟି ଭାବେ ଘୋଷଣା କରାଯାଇଛି । ଏହା ବଦଳରେ ସେପ୍ଟେମ୍ବର ୨୦ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟ ଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ଆଜି ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗଣେଶ ପୂଜା ଓ ନୂଆଁଖାଇ ପାଇ ଅଗଷ୍ଟ ୨୭ ଓ ୨୮ ତାରିଖ ହାଇକୋର୍ଟ ଛୁଟି ଥିଲା ।


GOVT OF ODISHA O-564
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/Po- Nabaghanpur, Dist.- Nayagarh, ph-06753-252049, Email: nayagarhrw2006@yahoo.in
No. Tender Online Nayagarh Divn. 03/2025-26, Date 06.08.2025
e-Procurement Notice

1. Name of the work : Building works.
2. Total No. of Projects : 05(Five) Nos of projects
3. Class of contractor
a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.13.12 Lakhs to Rs.24.70 lakhs
5 Time for completion : 04(Four) & 03(Three) calendar month.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 03/2025-26 | 21.08.2025 at 10.00 A.M | 04.09.2025 upto 5.30 P.M. | 06.09.2025 at 11.00 A.M |

Further details can be seen from the website www.tendersorissa.gov.in
OIPR-25106/11/0031/2526
Executive Engineer
Rural Works Division, Nayagarh

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 13.08.2025, I Lily Raj resident of Suliapada, Guhaldiha, Po-Baghra, Dist-Mayurbhanj, Odisha, PIN-757022, declare that I have changed my name from Lily Majhi to Lily Raj. Henceforth I shall be known as **LILY RAJ** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Angul on dtd.02.08.2025, I Shreekanta Tripathy, S/o- Sheshadev Tripathy, At/Po./Ps./Dist.-Balangir- 767001 state that, I have changed my name from **Shrikant Tripathy** to **Shreekanta Kumar Tripathy**. Hence I shall be known as **Shreekanta Kumar Tripathy** for all future purposes.

**Notice (for Minor)**
By virtue of an affidavit sworn before Executive Magistrate, Begunia, dated 31.07.2025 I, Balaji Sahoo, Address At-Bagalpur,Po-Chakapada,Ps-Begunia,Dist-Khurda,Pin-752062 declare that I have changed the name of my son from Abhikit Sahoo to Abhijit Sahoo. Henceforth, he shall be known as Abhijit Sahoo for all purposes.
Balaji Sahoo

**AFFIDAVIT**
By virtue of an affidavit sworn before Executive Magistrate, PURI, dated 11/08/2025. I P.SONY RAO, Address JARAKATA SAHI,PURI declare that I have changed the name of my daughter from P.AISHWARAYA RAO to P NIHARIKA Henceforth,she shall be known as **P NIHARIKA** for all purposes.
P NIHARIKA

**AFFIDAVIT**
By virtue of an affidavit sworn before Executive Magistrate Bhubaneswar, Affidavit No-103, on dated 11.08.2025, I Rama Krushna Padhy resident of S-3/563, Niladri Vihar, Near Pump House, Chandrasekharpur, Bhubaneswar, Dist- Khurdha, Odisha, PIN-751021, declare that I have changed the name of my Son from Ayusman Padhy to Ayushman Padhy . Henceforth, he shall be known as **AYUSHMAN PADHY** for all future purposes.

**AFFIDAVIT**
By virtue of an affidavit SI No. 466, dtd- 5/8/2025 before the Executive Magistrate, Bisoi, Mayurbhanj. I, Saibu Soren, S/o Prasad Soren, resident of Vill-Jodia, Po- Sunajodia Ps- Bisoi, Dist- Mayurbhanj declare that in my Aadhar Card No. 7549 9427 5848 my name has been wrongly mentioned as Sana Saibu Soren instead of Saibu Soren. Now I want to change my name in the said Aadhaar Card. Henceforth, I am known as **Saibu Soren** in all purposes.

**AFFIDAVIT**
I, Kalandi Charan Sahoo, S/o- Pahali Sahoo, resident of Alana, Alanahat, Naugaon, Dist-Jagatainghpur, PIN-754107, Odisha declared by this affidavit No. 650, dtd- 12/08/2025 that now onwards I shall be known as **KALANDI SAHOO** for all future purposes.

**AFFIDAVIT**
By virtue of an affidavit sworn before Notary public Bhubaneswar on dated, 13.08.2025, I Anu Nayak resident of Harijana Basti, Near Durga Mandap, Unit-6, Bhubaneswar, Dist- Khorda, Odisha, PIN-751001, declare that I have changed my name from Anu Dei to Anu Nayak. Henceforth I shall be known as **ANU NAYAK** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Umerkote, Nabarangpur, I Chinmayi Bachhar, W/o- Sekhar Bachhar resident of Vill.- Anchala, Po.- Ekamba, Ps.- Umerkote, Dist.- Nabarangpur, Odisha state that, I have changed my name from **CHINMAYEE BAIDYA** to **CHINMAYI BACHHAR**. Hence I shall be known as **Chinmayi Bachhar** for all future purposes.

**AFFIDAVIT**
I, Kala Das Mohapatra, W/o – Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar-751001 declare by this affidavit No 21 dated 6.8.2025 that now onwards I shall be known as Kala Pattnaik for all future purposes.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-487, ତା.07.08.2025ରିଖ
କାର୍ଯ୍ୟର ନାମ : 36 ମାସ ନିମନ୍ତେ SIEMENS ଦ୍ୱାରା ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସିଲ କାଉଣ୍ଟର ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ଟେଣ୍ଡର ମୂଲ୍ୟ (₹) : 70,51,290.12, EMD (₹): 1,41,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 5,900.00 ।
ବିଡ୍ ଆରମ୍ଭ ହେବା ତାରିଖ : ତା.15.08.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.08.2025 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-468/Q/25-26

**AFFIDAVIT**
I, Sanatana Sethi, age about 49 years, S/o- Nirakar Sethi, resident of Plot No. 173, Nuasahi, Siripur, Near City Womens College, Bhubaneswar, Dist-Khordha, PIN- 751003, Odisha declared by this affidavit No. 1633, dated-13.08.2025 that now onwards I shall be known as **SANATAN SETHI** for all future purposes.

**AFFIDAVIT**
By virtue of an affidavit before Executive Magistrate, Cuttack, Odisha.I, Adaitya Kumar Sahoo, S/o- Late Krushna Chandra Sahoo, Plot No-307/487, Paradipgarh, Jagatsinghpur, stated that in the MBPY book my name wrongly mentioned as Adwaita Sahoo instead of Adaitya Kumar Sahoo. So I declared by this affidavit dated 11 Aug 2025, Adwaita Sahoo and Adaitya Kumar Sahoo is one and same person. I shall be known as Adaitya Kumar Sahoo for all further purposes.
Sd/-Adaitya Kumar Sahoo.

**AFFIDAVIT**
I, Shek Azad, S/o- Sk Akbar, resident of At-Kanheipur, Po-Bhagatpur, Kotasahi, Dist- Cuttack, PIN-754022, Odisha declared by this affidavit No. 649, dtd-12/08/2025 that now onwards I shall be known as **SK AZAD** for all future purposes.

**AFFIDAVIT**
I, Shek Akbar, S/o- Sk Abdul Jabar, resident of Haladidiha, Bhadrak, Dist- Bhadrak, PIN-756100, Odisha declared by this affidavit No. 653, dtd-13/08/2025 that now onwards I shall be known as **SK AKBAR** for all future purposes.

**AFFIDAVIT**
I, Pritishree Chuadhary, D/o-Ramesh Chandra Panda, resident of H.N-81, Ramahari Nagar 2nd lane, Near Jenana Hospital, Brahmapur Sadar, Po-Berhampur, Dist- Ganjam, PIN- 760001, Odisha declared by this affidavit No. 654, dtd- 13/08/2025 that now onwards I shall be known as **PRITISHREE PANDA** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-10/08/2025. I, **Laxmipriya Sahoo** (new name) formerly called as **Rajani Sahu** (old name), W/o Bijaya Sahoo, Permanent resident of At-Habaleswar, P.O. Dimiria, P.S. Nandipada, Dist- Keonjhar (Odisha), PIN- 756121 now residing at the same place affirm that I have changed my name from **Rajani Sahu** (old name) to **Laxmipriya Sahoo** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Laxmipriya Sahoo** (new name).
Laxmipriya Sahoo

**AFFIDAVIT**
By virtue of an affidavit before The Notary Public, Titilagarh, on dated-04/08/2025. I, **Jhara Rana** (new name) formerly called as **Tilattama Rana** (old name), W/o Tulasiram Rana, Permanent resident of At-Patharla, P.O. Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Tilattama Rana** (old name) to **Jhara Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Jhara Rana** (new name).
Jhara Rana

■ ତିନି ଗାଁରେ ପୁଲିସର ରାତିଅଧିଆ ଚଢ଼ଉ

## ଚାରି ଦେଶୀ ବନ୍ଧୁକ ଜବତ; ୪ ଗିରଫ



ପାଲଲହଡ଼ା, ୧୪।୮ (ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ପାଲଲହଡ଼ା ଥାନା ପୁଲିସ ବଡିସୁଆଁ ପଞ୍ଚାୟତ ରେଙ୍ଗାଳି, ସୋଲଡ଼ା ଓ କୋରଡ଼ା ଗାଁରେ ବୁଧବାର ରାତିରେ ଚଢ଼ଉ କରି ୪ ଜଣଙ୍କ ଘରୁ ଚାରିଟି ଦେଶୀ ବନ୍ଧୁକ ଜବତ କରିଛି। ବେଆଇନ ଭାବେ ଘରେ ବନ୍ଧୁକ ରଖିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ରେଙ୍ଗାଳି ଗାଁର ସିକୁ ପୂର୍ତ୍ତି (୪୦), ରେଂସା ହେଶା (୨୭), ସୋଲଡ଼ା ଗାଁର ସୁରେନ୍ଦ୍ର ଦେଓଗାମ (୪୦) ଓ କୋରଡ଼ାର ଗୋଲେଖ ବୋଇତା (୬୦)।

ଏହି ୩ ଗାଁର କିଛି ଲୋକଙ୍କ ଘରେ ଦେଶୀ ବନ୍ଧୁକ ଥିବା ଖବର ପାଇ ପୁଲିସ ସଦଳବଳ ଅତର୍କିତ ଚଢ଼ଉ କରିଥିଲା। ୪ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି।

## କେନାଲରେ ବୁଡ଼ି ନାବାଳିକା ନିଖୋଜ

■ ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟ ଜାରି

କାମାକ୍ଷାନଗର, ୧୪।୮ (ସମିସ): କାମାକ୍ଷାନଗର ଥାନା କେନ୍ଦୁପଶି ଗ୍ରାମ ନିକଟ ରେଙ୍ଗାଳି କେନାଲରେ ବୁଡ଼ି ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ନିଖୋଜ ନାବାଳିକା ହେଲେ ସେହି ଗ୍ରାମର ଟୁନା ନାଏକଙ୍କ ଝିଅ କାଞ୍ଚନ ନାଏକ (୧୫)। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ କାଞ୍ଚନଙ୍କ ସନ୍ଧାନ ମିଳିପାରିନାହିଁ। ଗୁରୁବାର ଅପରାହ୍ନ ୧ଟାରେ କାଞ୍ଚନ ଓ ତାଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ଶୌଚ ନିମନ୍ତେ କେନାଲକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ କାଞ୍ଚନ ବୁଡ଼ିଯାଇଥିଲେ। ଏ ନେଇ ଲକ୍ଷ୍ମୀପ୍ରିୟା ତୁରନ୍ତ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ମାତ୍ର କାଞ୍ଚନଙ୍କ ସନ୍ଧାନ ନ ମିଳିବାରୁ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଅନ୍ୟପଟେ କେନାଲର ଗେଟ୍ ବନ୍ଦ କରିବା ପାଇଁ ଗ୍ରାମବାସୀ ରେଙ୍ଗାଳି କେନାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଗେଟ ବନ୍ଦ କରୁ ନ ଥିବାରୁ କାଞ୍ଚନଙ୍କ ସନ୍ଧାନ ମିଳିପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

■ ବଡ଼କେରା ଅଞ୍ଚଳର ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

## ଯେଉଁଠି ରୋଷେଇ, ସେଇଠି ପାଠପଢ଼ା



ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ବ୍ଲକ ବଡ଼କେରା ଅଞ୍ଚଳରେ ଅସୁସ୍ଥ ହୋଇପଡ଼ିଛି ଅଙ୍ଗନବାଡ଼ି କେନ୍ଦ୍ର। କେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ହେଉନାହିଁ। ଅଞ୍ଚଳର ବିଭିନ୍ନ ଗାଁରେ ଶିଶୁଙ୍କ ପାଇଁ ୯ଟି ଅଙ୍ଗନବାଡ଼ି ଖୋଲାଯାଇଛି। କେତେକ ଅଙ୍ଗନବାଡ଼ି କେନ୍ଦ୍ର ଏବେ ଅବହେଳିତ ଅବସ୍ଥାରେ ପଡ଼ିଛି। ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ପିଲାମାନେ ଗାଁ କ୍ଲବଘରେ ପାଠ ପଢ଼ୁଛନ୍ତି। ଦୀର୍ଘ ୯ ବର୍ଷ ହେଲା ସେଠାରେ ରୋଷେଇ କରିବାର ସୁବିଧା ନ ଥିବା ବେଳେ କାଠ ଚୁଲିରେ ଶିଶୁଙ୍କ ଖାଦ୍ୟ ତିଆରି ହେଉଛି। ଏଣୁ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ତୁମୁଣୀ ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ ଘର ନାହିଁ। ସେଠାରେ ଯେଉଁଠି ପାଠପଢ଼ା ହେଉଛି ସେଇଠି ପିଲାଙ୍କ ପାଇଁ ରୋଷେଇ ହେଉଥିବା ଦେଖିବାକୁ ମିଳିଛି। ଦଳବେହେରା ସାହି ନିକଟରେ ଥିବା ଚଷାସାହି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ କୋଠଘରେ ଚାଲିଛି। ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହୁଛି କିନ୍ତୁ କର୍ମୀ ରହୁନାହାନ୍ତି କି ପିଲା ବି ରହୁନାହାନ୍ତି। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବା ସ୍ଥଳେ କୋଠଘରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ସାହିର କୌଣସି ସାମୂହିକ କାର୍ଯ୍ୟ ହେଲେ ଏହି କୋଠଘରକୁ ବ୍ୟବହାର କରାଯାଉଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅନ୍ୟପକ୍ଷରେ କଅଁଳ ବୟସର ଏହି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସରକାର ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏ ସମ୍ପର୍କରେ ଅନୁଗୋଳ ସିଡିପିଓ ରୀତାଞ୍ଜଳି ପ୍ରଧାନ କହିଛନ୍ତି, ଆମ ପାଖରେ କିଛି ନାହିଁ ସବୁ ବ୍ଲକ ଜରିଆରେ ହେଉଛି। ତେବେ ପ୍ରତିକ୍ରିୟା ପାଇଁ ଅନୁଗୋଳ ବିଡିଓ ବିଶ୍ୱଭୂଷଣଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

ଶଙ୍ଖମୁର ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରିଲା ବିଜେଡି

ପାଲଲହଡ଼ା/ଖମାର, ୧୪।୮ (ସମିସ)



ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ଶଙ୍ଖମୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ନୀଳମାଧବ ପ୍ରଧାନଙ୍କୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ମଧ୍ୟ ଆଜି ଯାଏଁ ପୁଲିସ କାହାକୁ ଗିରଫ କରିନାହିଁ। ଅନ୍ୟପଟେ ପାଲଲହଡ଼ା ବିଜେଡି ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏହା ଏକ ରାଜନୈତିକ ଆକ୍ରୋସମୂଳକ ଆକ୍ରମଣ ବୋଲି ଅଭିଯୋଗ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ବିଜେଡି ପକ୍ଷରୁ ଖମାର ଥାନା ଘେରଉ କରାଯାଇଛି। ପ୍ରାକ୍ତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ଏକତ୍ରିତ ହୋଇ ଖମାର ଡାକବଙ୍ଗଳାରୁ ବିରାଟ ଶୋଭାଯାତ୍ରାରେ ଆସି ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ଥାନା ଘେରଉ କରି ସରକାର ବିରୋଧୀ ନାରା ଦେଇଥିଲେ। ସରକାରୀ ଦଳର ଚାପରେ ପୁଲିସ ସ୍ଥାଣୁ ପାଲଟିଥିବା ପ୍ରାକ୍ତନ ବିଧାୟକ ପାଲ କହିବା ସହ ମୋହନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ବ୍ଲକ ଅଧକ୍ଷା ରୀନାରାଣୀ ନାୟକ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏହି ଘେରଉ କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଯୁବନେତା ଇନ୍ଦ୍ରମଣି ଗଡ଼ନାୟକ, ନରେନ୍ଦ୍ର କୁମାର ଭୁକ୍ତାଙ୍କ ବହୁ କର୍ମୀ ସାମିଲ ହୋଇଥିଲେ। ପୁଲିସ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ ଶଙ୍ଖମୁର ସମିତିସଭ୍ୟ ନୀଳମାଧବ ପ୍ରଧାନଙ୍କ ଘର ଶଙ୍ଖମୁର ଗାଁରେ ହୋଇଥିବା ବେଳେ ଗତ ରବିବାର ସନ୍ଧ୍ୟା ୭ଟାରେ ସେ ହାଇସ୍କୁଲ ଛକ ନିକଟରେ ବୈଦ୍ୟନାଥପୁର ଗାଁର ଉମାକାନ୍ତ ତ୍ରିପାଠୀଙ୍କ ସହ ନିଜ କାର ଭିତରେ ବସିଥିଲେ। ଏହି ସମୟରେ ଶଙ୍ଖମୁର ଗାଁର ବବଲୁ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ବେସାଲିଆ ଗାଁର ବିଭୂତି ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଯୁବକ କାର ନିକଟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ନୀଳମାଧବ ଏହାର ପ୍ରତିବାଦ କରିବାରୁ ବବଲୁ ଏକ ବାଡ଼ି ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଅନ୍ୟମାନେ ତାଙ୍କୁ ଧକ୍କାମାରି ତଳେ ପକାଇ ମାଡ଼ ମାରିଥିଲେ। ଏଥିରେ ନୀଳମାଧବ ଗୁରୁତର ଆହତ ହୋଇଥିଲେ। ତେବେ କୌଶଳକ୍ରମେ ସେଠାରୁ ଖସିଆସି ଡାକ୍ତରଖାନାରେ ପହଞ୍ଚିଥିଲେ। ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟପଟେ ନୀଳମାଧବଙ୍କ ବିରୋଧରେ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଛି। ୪ ଯୁବକଙ୍କୁ ନୀଳମାଧବ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଉଭୟ ଘଟଣାରେ ରାଜନୈତିକ ଦଳର ସମ୍ପୃକ୍ତି ଥିବାରୁ ପୁଲିସ କେବଳ ଅଭିଯୋଗକୁ ଗ୍ରହଣ କରି ଚୁପ୍ ବସିଛି।

■ ବିକଶିତ ଭାରତ-୪୭ ବିକଶିତ ଓଡ଼ିଶା-୩୬ ଆଲୋଚନା

## ସହରୀକରଣକୁ ରୋକିହେବନି, ବର୍ଜ୍ୟ ପରିଚାଳନା ସମ୍ପଦ ଆଣିଦେବ

ଢେଙ୍କାନାଳ, ୧୪।୮ (ସମିସ): ଦ୍ରୁତ ସହରୀକରଣକୁ ଆମେ ରୋକିପାରିବାନି, କିନ୍ତୁ ଅତ୍ୟାଧୁନିକ ବର୍ଜ୍ୟ ପରିଚାଳନା ଜରିଆରେ ଆବର୍ଜନାକୁ ସମ୍ପଦରେ ପରିଣତ କରିହେବ। ଆବର୍ଜନାର ପରିମାଣ ହ୍ରାସ, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ କରିହେବ। ଏହିକ୍ରମରେ ରାଜ୍ୟ ସରକାର ବ୍ୟବହୃତ ପ୍ଲାଷ୍ଟିକକୁ ବ୍ୟବହାର କରି ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏନେଇ ଏନଏଚଏଆଇ ସହ ମଧ୍ୟ ଆଲୋଚନା କରାଯାଇଛି। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଆଇଆଇଏମସି ଢେଙ୍କାନାଳର ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଇଥିଲେ। ଏହି ପରିପ୍ରେକ୍ଷୀରେ ଜଣେ ବିଦ୍ୟାର୍ଥୀଙ୍କ ପ୍ରଶ୍ନର ଉତ୍ତରରେ ସେ ଏପରି ଉତ୍ତର ରଖିଥିଲେ।

● ରାଷ୍ଟ୍ର ନିର୍ମାଣ ନିମନ୍ତେ ନିରପେକ୍ଷ ସାମ୍ବାଦିକତା ଏବଂ ତଥ୍ୟଭିତ୍ତିକ ଉପସ୍ଥାପନା ଜରୁରୀ

ସରକାର ଭଲ ଯୋଗାଯୋଗର ମାଧ୍ୟମ ହେବା ଦରକାର। ଫଳରେ ସରକାରଙ୍କ ବିଭିନ୍ନ ଜନହିତାକର ଯୋଜନା ଓ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିପାରିବ। ତେବେ ରାଷ୍ଟ୍ର ନିର୍ମାଣ ନିମନ୍ତେ ନିରପେକ୍ଷ ସାମ୍ବାଦିକତା ଏବଂ ତଥ୍ୟଭିତ୍ତିକ ଉପସ୍ଥାପନା ଜରୁରୀ ବୋଲି ଅନ୍ୟ ଜଣେ ବିଦ୍ୟାର୍ଥୀଙ୍କ ପ୍ରଶ୍ନର ଉତ୍ତରରେ ପାଢ଼ୀ କହିଥିଲେ। ସେହିପରି ବର୍ତ୍ତମାନ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ବହୁ ଜାତୀୟ ଏକତା ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ବହୁଳାଂଶରେ ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିଥିବା ସେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମୃଣାଳ ଚାଟାର୍ଜୀ, ସମସ୍ତ ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପାୱାରପଏଣ୍ଟ ପ୍ରେଜେଣ୍ଟେସନ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିଲା। ଅଧ୍ୟାପିକା ଆଭା ସିଂ ଧନ୍ୟବାଦ ଦେଇଥିଲେ।

■ ଖର୍ଚ୍ଚ ହୋଇଛି ୨୫ ଲକ୍ଷ; କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

## ପାଣି ଅଭାବରୁ ମରିବାକୁ ବସିଲାଣି ଧାନଗଛ

କିଶୋରନଗର, ୧୪।୮ (ସମିସ): ରାଜ୍ୟ ସରକାର ଚାଷୀଙ୍କ ଜମିରେ ଜଳସେଚନ ସୁବିଧା ପାଇଁ ନଦୀନାଳଗୁଡ଼ିକରେ ଉଠାଜଳସେଚନ ପଏଣ୍ଟ ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଘୋଷର ନୂଆସାହିରେ ନିର୍ମିତ ଉଠା ଜଳସେଚନ ପଏଣ୍ଟ ଚାଷୀଙ୍କ କାମରେ ଆସୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୫୦ ଏକର ଜମିରେ ଜଳସେଚନ

● ବିଦ୍ୟୁତ୍ ବିଭାଗ ଚାର୍ଜ କରୁ ନ ଥିବା କହିଲେ ନିର୍ବାହୀ ଯନ୍ତ୍ରୀ

ସୁବିଧା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଘୋଷର ନୂଆସାହି ନଈରେ ନୂତନ ଉଠା ଜଳସେଚନ ପଏଣ୍ଟ ନିର୍ମାଣ କରାଯାଇଛି। ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ଏହି ପ୍ରକଳ୍ପ ମୁକୁଳା ହୋଇ ପଡ଼ିରହିଛି। ସେପଟେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ମୋଟର ଚାଲିପାରୁ ନାହିଁ। ଏବେ ବର୍ଷା ଅଭାବରୁ ୫୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିରେ ପାଣି ଅଭାବରୁ ମାଟି ଫାଟି ଆଁ କରିବାକୁ ବସିଲାଣି। ଏ ସମ୍ପର୍କରେ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବରାଜ ସେଠୀଙ୍କୁ ପଚାରିବାରୁ କହିଲେ, ବିଦ୍ୟୁତ୍ ସଂଯୋଗ ପାଇଁ ଟଙ୍କା ଜମା କରାଯାଇଛି। ବିଦ୍ୟୁତ୍ ସଂଯୋଗ



ଦେବାପାଇଁ ଆମେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଉଛୁ। ଚାର୍ଜ କରିବା ପରେ ଦିନେ ଦୁଇଦିନ ଭିତରେ ପଏଣ୍ଟ ଚାଲୁହେବ ବୋଲି ସେ କହିଛନ୍ତି। ଏଥିପ୍ରତି ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଚାଷୀକୁଳ ଦାବି କରିଛନ୍ତି।

## ତୃତୀୟଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ଅନୁଗୋଳ, ୧୪।୮ (ସମିସ): ଚେତନା ଏ ମିସନ ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁରୁବାର ତୃତୀୟଲିଙ୍ଗୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଡିଏଚଏଚ, ୟୁପିଏଚସି ଓ ଚେତନା ମିଶନ ସହଯୋଗରେ ଜାତୀୟ ଭାଇରାଲ୍ ହେପାଟାଇଟିସ୍ କାର୍ଯ୍ୟକ୍ରମ ଅଧୀନରେ ତୃତୀୟଲିଙ୍ଗୀ ସମୁଦାୟଙ୍କୁ ସଚେତନ କରାଯାଇଥିଲା। ଚେତନା ଏ ମିଶନ୍‌ର ପ୍ରତିଷ୍ଠାତ୍ରୀ ବାଣୀ ଦେବଙ୍କ ଦ୍ୱାରା କିନ୍ନରମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନମୋହନ ପ୍ରଧାନ ଶିବିର ଉଦଘାଟନ କରିଥିଲେ। ଡା. ଧନଞ୍ଜୟ ବେହେରା, ଡା. ନରେନ୍ଦ୍ର କୁମାର ମୁର୍ମୁ, ଡା. ସୌଭାଗ୍ୟଲକ୍ଷ୍ମୀ ପଣ୍ଡା, ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ, ଡା. ଦେବାଶିଷ ପ୍ରଧାନ, ସରିତା ମିଶ୍ର, ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଅଂଶଗ୍ରହଣକାରୀଙ୍କୁ ହେପାଟାଇଟିସ୍ ସମ୍ପର୍କରେ ସଚେତନ କରାଇଥିଲେ। ଏହାର ସଂକ୍ରମଣର ପଥ, ପ୍ରତିରୋଧର ଉପାୟ ଏବଂ ଶାସନୀୟ ସ୍ୱାସ୍ଥ୍ୟସେବାରେ ଉପଲବ୍ଧ ମାଗଣା ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସେବାଗୁଡ଼ିକର ସୁବିଧା ନେଇ ସୁସ୍ଥ ସମାଜ ଗଠନରେ ଅଂଶୀଦାର ହେବାକୁ ଆହ୍ୱାନ ଦିଆଯାଇଛି। ଶେଷରେ ବାଣୀ ଦେବ ଧନ୍ୟବାଦ ଅର୍ପଣ କରିଥିଲେ। ଚେତନା ଏ ମିଶନର କଲ୍ୟାଣୀ ଶ୍ରୀନାଥ ଏବଂ ମଧୁସୂଦନ ଶର୍ମା ଉପସ୍ଥିତ ଥିଲେ।

## ଘରେ ପଶି ଆକ୍ରମଣ, ଲୁଟପାଟ

ବଇଣ୍ଡା, ୧୪।୮ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଲଳିତ ନାହାକ ଓ ତାଙ୍କ ମା'ଙ୍କୁ ଏହି ଥାନା ଅଞ୍ଚଳର ତିନି ଯୁବକ ମାଡ଼ମାରି ୩୦ ହଜାର ଟଙ୍କା ସହ ୧୨ ଗ୍ରାମ ସୁନା ଅଳଙ୍କାର ଲୁଟି ନେଇଥିବା ବୁଧବାର ଲଳିତ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲଳିତ ଓ ତାଙ୍କ ମା' ଘରେ ଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ପ୍ରଥମେ ଆକ୍ରମଣ କରିଥିଲେ। ପରେ ଘରେ ଥିବା ଆଲମିରା ଭାଙ୍ଗି ଟଙ୍କା ସୁନା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ୩ ଗୁରୁତର

ପାଲଲହଡ଼ା, ୧୪।୮ (ସମିସ): ପାଲଲହଡ଼ା ଦେଇ ଯାଇଥିବା ୧୪୯ ନମ୍ବର ଓ ୪୯ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟି ଅନେକ ନିରୀହ ଲୋକଙ୍କ ଜୀବନ ଅକାଳରେ ଚାଲିଯାଉଛି। ଗୁରୁବାର ଅପରାହ୍ନ ୧ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନୁଗୁଡ଼ା ଗାଁର କଲେଜ ଛାତ୍ର ସିଦ୍ଧାର୍ଥ ନାୟକ, ଇତି ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ନାୟକ। ମାଲ୍ୟାଗିରି ମହାବିଦ୍ୟାଳୟର ଯୁକ୍ତଦୁଇ ଛାତ୍ର ସିଦ୍ଧାର୍ଥ ବାଇକରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆଉଏକ ବାଇକରେ ଇତି ଗାଁର ପୂର୍ଣ୍ଣଚନ୍ଦ୍ର, ପଦ୍ମିନୀ ଓ ତାଙ୍କ ଛୋଟ ଝିଅ ଆସୁଥିଲେ। ୪୯ ନମ୍ବର ଜାତୀୟ ରାଜପଥର ମୁକ୍ତାପୁର ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲ। ଫଳରେ ଉଭୟ ବାଇକ୍‌ରେ ବସିଥିବା ଚାରିଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ସିଦ୍ଧାର୍ଥ, ପୂର୍ଣ୍ଣଚନ୍ଦ୍ର ଓ ପଦ୍ମିନୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାଲଲହଡ଼ା ଡାକ୍ତରଖାନା ଆଣିଥିଲେ। ସିଦ୍ଧାର୍ଥଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଚୋରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

ଢେଙ୍କାନାଳ, ୧୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଞ୍ଚଳରେ ୫ ମାସ ତଳେ ଘଟିଥିବା ଏକ ଚୋରି ମାମଲାର ବିଚାର କରି ଭୁବନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶିବାଶିଷ ପାଣି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୯ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ବିଚାରପତି ଅଭିଯୁକ୍ତ ଦିପୁ ପିଙ୍ଗୁଆଙ୍କୁ ୧ ବର୍ଷ ୬ ମାସ ସଶ୍ରମ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଧିକ ୪ ମାସ ସଶ୍ରମ ଜେଲ ଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି।

ଗତ ମାର୍ଚ୍ଚ ୯ରେ ଭୁବନ ଏନ୍ଏସ୍ ୱାର୍ଡ ନଂ-୬ ଭିତର ଦିଗପାଟଣାର ବିନୋଦ କୁମାର ବେହେରା ନିଜର ବୁଲେଟ ବାଇକ୍‌କୁ ଘର ସାମ୍ନାରେ ରଖିଥିଲେ। ଅଭିଯୁକ୍ତ ଦିପୁ ବୁଲେଟ୍‌କୁ ଚୋରାଇ ନେବା ସମୟରେ ଗାଡ଼ି ସହ ପଡ଼ିଯାଇଥିଲେ। ପରେ ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଅଧିକାରୀ ଜ୍ୟୋତିର୍ମୟ ସିଂ ଏହି ମାମଲାର ତଦନ୍ତ କରି ଦିପୁଙ୍କୁ କୋର୍ଟ ଚାଲାଣ କରିଥିଲେ। ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ମହେନ୍ଦ୍ର କୁମାର ମହାପାତ୍ର ପ୍ରଥମେ ଏହି ମାମଲା ପରିଚାଳନା କରିଥିଲେ। ପରେ ଏପିପି କେଶବ ଚନ୍ଦ୍ର ପଣ୍ଡା ମାମଲା ପରିଚାଳନା କରିଥିଲେ।

# ୭୦ରୁ ଊର୍ଦ୍ଧ୍ୱ ସ୍କୁଲର ବିଦ୍ୟାର୍ଥୀଙ୍କୁ ପୋଷାକ ଓ ଜୋତା ମିଳିନି

ଭୁବନ, ୧୪।୮ (ସମିସ)

ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ। ସ୍ୱାଧୀନତା ଦିବସ ପାଳନ ପାଇଁ ସବୁ ବର୍ଗର ବ୍ୟକ୍ତି ସମେତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ଉଦ୍ଦୀପନା ସ୍ୱତନ୍ତ୍ର। ଏହି ରାଷ୍ଟ୍ରୀୟ ଉତ୍ସବ ପାଇଁ ଦିନକ ପୂର୍ବରୁ ନିଜକୁ ପ୍ରସ୍ତୁତି କରିଥାନ୍ତି ଛାତ୍ରଛାତ୍ରୀ। ସକାଳୁ ଉଠି ସଫାସୁତୁରା ଏକକ ପୋଷାକ ପରିଧାନ କରି ବିଦ୍ୟାଳୟକୁ ଆସିଥାନ୍ତି। ସେଠାରେ ଜାତୀୟ ପତାକା ଉତ୍ତୋଳନ ପର୍ବରେ ସାମିଲ ହୋଇ ମିଳିତ ପରେଡ୍ ପ୍ରଦର୍ଶନ, ଦେଶ ମାତୃକାର ସଂଗ୍ରାମୀ, ମହାମନୀଷୀଙ୍କ ଜୀବନୀ ଗାଥା ଶୁଣିବା ଏବଂ ଶୁଣାଇବା ସେମାନଙ୍କ ପାଇଁ ନିଆରା ଅନୁଭୂତି ଆଣି ଦେଇଥାଏ। ଏ ପରିପ୍ରେକ୍ଷୀରେ ସରକାରଙ୍କ ଯୋଜନାରେ ଯେଉଁବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ପିଲାଙ୍କୁ ମାଗଣା ପୋଷାକ ଓ ଜୋତା ମିଳି ଯାଇଥାଏ ସେ ଖୁସି କହିଲେ ନ ସରେ। ଅଭିଭାବକମାନେ ମଧ୍ୟ ସନ୍ତୋଷ ପ୍ରକାଶ କରିଥାନ୍ତି। ତେବେ ଚଳିତ ଶିକ୍ଷାବର୍ଷରେ ପିଲାଙ୍କୁ ତାହା ମିଳିବା ସମ୍ଭବ ହୋଇପାରି ନାହିଁ। ଚଳିତ ଶିକ୍ଷା ବର୍ଷକୁ ସାଢ଼େ ୪ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଷାକ ଓ ଜୋତା ଯୋଗାଣ ନେଇ ଯେଉଁସବୁ ପ୍ରକ୍ରିୟା ସମ୍ପାଦିତ ହେବା କଥା ତାହା ଉଚ୍ଚ ସ୍ତରରେ ହୋଇପାରି ନ ଥିବା ଜଣାପଡ଼ିଛି।

ସରକାର ପିଲାଙ୍କ ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରିବା ସହ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପିଲାଙ୍କୁ ବିଦ୍ୟାଳୟମୁଖୀ କରିବା ପାଇଁ ନାନା ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି। ଯାହାଦ୍ୱାରା ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବିଶେଷ ଉପକୃତ ହୋଇଆସୁଛନ୍ତି। ଏହିସବୁ ପ୍ରୋତ୍ସାହନ ବା ସହାୟତା ଠିକଣା ସମୟରେ କାର୍ଯ୍ୟକାରୀ ନ ହେବାରୁ ଯୋଜନା ନିରର୍ଥକ ହୋଇପଡ଼ିଛି। ଆଗରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପୋଷାକ ଓ ଜୋତା ମିଳୁଥିଲା। ଏବେ ନବମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହା ପ୍ରଦାନ କରାଯାଉଛି। ଏହା ଗ୍ରାମାଞ୍ଚଳର ଚାଷୀ, ଶ୍ରମିକ ଏବଂ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଲୋକଙ୍କୁ ବିଶେଷ ସହାୟ ହୋଇଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ଅନେକ ପରିବର୍ତ୍ତନ ହୋଇଛି। ଆଗଭଳି ଆଉ ଏହା ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟରେ ସୀମିତ ନାହିଁ। ଏହି ପୋଷାକ ଯୋଗାଣରେ ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସାମିଲ କରାଇଛନ୍ତି। ଏତେସବୁ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ ଭିତରେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କୁ ମାଗଣା ପୋଷାକ ଓ ଜୋତା ମିଳିବାରେ ବିଳମ୍ବ ଦେଖାଦେଇଛି। ଏଣୁ ଚଳିତ ଶିକ୍ଷାବର୍ଷରେ ଅଗଷ୍ଟ ୧୫ ପୂର୍ବରୁ ବ୍ଲକର ୧୧୫ ବିଦ୍ୟାଳୟରୁ ମାତ୍ର ୨୦ରୁ ୨୫ ସରକାରୀ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପୋଷାକ, ଜୋତା ମିଳିଛି। ଅବଶିଷ୍ଟ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଳିପାରିନାହିଁ। କେବଳ ଭୁବନ ବ୍ଲକ ନୁହେଁ, ସମଗ୍ର ରାଜ୍ୟରେ ପୋଷାକ ଯୋଗାଣ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଉଚ୍ଚ ପ୍ରଶାସନିକ ଅଧିକାରୀ କେବେ ଏନେଇ ପ୍ରକ୍ରିୟା ଚୂଡ଼ାନ୍ତ କରିବେ ଏବଂ ପୋଷାକ ମିଳିବ ସେ ନେଇ ହଜାର ହଜାର ବିଦ୍ୟାର୍ଥୀ ଓ ଅଭିଭାବକ ଅପେକ୍ଷା କରିଛନ୍ତି। ଏହା ଭିତରେ ଆର୍ଥିକ ଅସ୍ୱଚ୍ଛଳ ଅଭିଭାବକ ନିଜ ପିଲାଙ୍କୁ ସହପାଠୀଙ୍କ ମଧ୍ୟରେ ସମତା ଭାବ ରଖିବା ପାଇଁ ଯେନତେନ ପୋଷାକ ଓ ଜୋତା ଯୋଗାଇ ଦେବାକୁ ବାଧ୍ୟ ହୋଇଛନ୍ତି।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା



ଗଁଦିଆ,୧୪।୮ (ସମିସ): ଗଁଦିଆ ବ୍ଲକସ୍ତରୀୟ ସ୍ୱାଧୀନତା ପାଳନ ଉପଲକ୍ଷେ ସଦର ମହକୁମା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାନ୍ଧାପଶିପାଟଣା ସହଦେବ ବିଦ୍ୟାପୀଠରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଅନୁଶିକ୍ଷା ନିରୀକ୍ଷକ ଦଣ୍ଡଧର ସାହୁ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭିଜିତ ବେହେରା ଯୋଗଦେଇ ପ୍ରତିଯୋଗୀଙ୍କ ମୂଲ୍ୟାୟନ କରିଥିଲେ। ସହଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗଗନ ବିହାରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ




ଗଁଦିଆ,୧୪।୮ (ସମିସ): ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜରେ ଅଧ୍ୟାପକ ଦୀପ୍ତିରଞ୍ଜନ ମହାଲିକ, ରାମଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ ଶପଥପାଠ ଅନୁଷ୍ଠିତ ହୋଇଛି। ପ୍ରିୟ ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତିମାନେ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ। ଏହାକୁ ପ୍ରିୟର ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲିଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ, ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ।

## ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ




ଢେଙ୍କାନାଳ,୧୪।୮ (ସମିସ): ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ଆଇସିଏସ୍ ଏକାଡେମୀ ପରିସରରେ ଅନୁଷ୍ଠାନର ନବମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପୌରାଧକ୍ଷା ଜୟନ୍ତି ପାତ୍ର ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଦୀପ୍ତିରଞ୍ଜନ ସେଠୀ, ଅଭିମନ୍ୟୁ ପଣ୍ଡା, ସନ୍ଦୀପ ଷଡ଼ଙ୍ଗୀ, ଯୁବ ସାମ୍ବାଦିକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ନିର୍ଦ୍ଦେଶକ ଶ୍ରୀକାନ୍ତ କୁମାର ସାହୁ, ଅଧ୍ୟକ୍ଷ ବିଜୟ କୁମାର ବେହେରା ଓ ଉପାଧ୍ୟକ୍ଷ ଖୁସବୁ ଶତପଥୀ ଶିବିର ପରିଚାଳନା କରିଥିଲେ। ଅନୁଷ୍ଠାନର ଶର୍ମିଷ୍ଠା ସାହୁ, ପ୍ରିୟଙ୍କା ସାହୁ, ଲିଜା ସାହୁ, ବର୍ଷା ସାହାଣୀ, ରାଜେଶ ସାହୁ, ଗୋବିନ୍ଦ ବେହେରା, ସାଗର ମଲ୍ଲିକ, ବିଶ୍ୱଜିତ ମହାପାତ୍ର ଓ ଦୀପ୍ତିରଞ୍ଜନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପାନୀୟ ଜଳ ପାଇଁ ଡହଳବିକଳ ଜହ୍ନାପଡ଼ାବାସୀ



ପରଜଙ୍ଗ,୧୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମବାସୀ ପାନୀୟ ଜଳ ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ରାସ୍ତାରେ ଜହ୍ନାପଡ଼ା ଗ୍ରାମ ଅବସ୍ଥିତ। ତେବେ ଦୀପ ତଳ ଅନ୍ଧାର ପରି ଏହି ଗାଁର ଅଧିବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ଏହି ଗାଁରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବା ବେଳେ ଆଜକୁ ୩ ମାସ ହେବ ପାନୀୟ ଜଳ ସମସ୍ୟା ନେଇ ଚିନ୍ତା ଘାରିଛି। ବସୁଧା ଯୋଜନାରେ ପାଣି ଟାଙ୍କି କରାଯାଇ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ତେବେ ଗତ ଜୁନ ମାସରୁ ଗ୍ରାମବାସୀ ପାଣି ମୁନ୍ଦାଏ ନ ପାଇ ଡହଳବିକଳ ହେଉଛନ୍ତି। ଏ ନେଇ ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ବିଡିଓ ବେହେରା ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଶାସନ ଓ କୃଷି ଅଧିକାରୀଙ୍କୁ ସାର କଳାବଜାରୀଙ୍କ ଖୋଲା ଚ୍ୟାଲେଞ୍ଜ

# କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଚାଲିଛି ସାର କଳାବଜାରୀ

କାମାକ୍ଷାନଗର,୧୪।୮ (ସମିସ)



କାମାକ୍ଷାନଗର ସହରରେ ବର୍ତ୍ତମାନ ଖୁଲମଖୁଲା ସାର କଳାବଜାରୀ ଦେଖିବାକୁ ମିଳୁଛି। ଚାଷକାମ ଜୋରସୋରରେ ଆଗେଇ ଚାଲିଥିବା ବେଳେ ଏହାର ଫାଇଦା ନେଇ ଅସାଧୁ ବ୍ୟବସାୟୀ ବିଭିନ୍ନ କିସମର ସାରକୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ବିକ୍ରି କରି ଚାଲିଛନ୍ତି। ଏ ସମ୍ପର୍କରେ ଚାଷୀମାନେ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ କାମାକ୍ଷାନଗର ତହସିଲଦାର, ବ୍ଲକ କୃଷି ଅଧିକାରୀ ସାରଦୋକାନ ଓ ଗୋଦାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବ୍ୟବସାୟୀ ଜଣକ ବିନା ବ୍ୟବସାୟ ପ୍ରମାଣପତ୍ର (ଟ୍ରେଡ୍ ଲାଇସେନ୍ସ)ରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ସାର ବିକ୍ରି କରୁଥିବା ପ୍ରଶାସନ ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲ୍ଲାପାଳ ଦୀନମଣି ନାଏକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଚଢ଼ଉକୁ ତିନିଦିନ ବିତିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ହୁଗୁଳା ପ୍ରଶାସନର ମୁକୁଳା ଆଇନକୁ ଖାତିର ନ କରି ସାର ବ୍ୟବସାୟୀ ନିଜ ଦୋକାନ ସାମ୍ନାରେ ତାଲା ମାରି ଭିତରେ ଥିବା ଗୋଦାମରେ ସାର କଳାବଜାରୀ କରି ମାଲାମାଲ ହେଉଥିବା ବେଳେ ସାରର ଅହେତୁକ ମୂଲ୍ୟ ବୃଦ୍ଧି ଓ କଳାବଜାରୀକୁ ନେଇ ବର୍ଷଯାକର ଆହାର ପାଇଁ ଚାଷ କରୁଥିବା ଚାଷୀ ଅଣ୍ଟାରେ ପାହାର ବାଜୁଛି। ଯାହାକୁ ନେଇ ଚାଷୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରୁଥିବା ବେଳେ ପ୍ରଶାସନ ତରଫରୁ ତଦନ୍ତ ସରୁନାହିଁ କିମ୍ବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ରୁଆ, ବେଉଷଣ ସମୟରେ ଚାଷୀ ଏବେ ସାର ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଚଢ଼ା ଦରରେ ସାର କିଣିବାକୁ ବାଧ୍ୟ ହେଉଛି।

ସାର କଳାବଜାରୀ କରୁଥିବା ବ୍ୟବସାୟୀଙ୍କୁ ଜରିମାନା କିମ୍ବା କାର୍ଯ୍ୟାନୁଷ୍ଠାନ କ୍ଷମତା କାମାକ୍ଷାନଗର କୃଷି ଜିଲ୍ଲା ଅଧିକାରୀଙ୍କର ରହିଛି। କିନ୍ତୁ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ କାମାକ୍ଷାନଗର ଜିରିଡ଼ାମାଳୀସ୍ଥିତ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ସେ ଅନୁପସ୍ଥିତ ଥିବାରୁ ସହକାରୀ ଜିଲ୍ଲା କୃଷି ଅଧିକାରୀ କ୍ଷୀରୋଦିନୀ ଦେଇ ଏବେ ଦାୟିତ୍ୱରେ ଥିବା ଜଣାପଡ଼ିଥିଲା। ତେବେ ସାର କଳାବଜାରୀ ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ପ୍ରଶାସନ ତରଫରୁ ଚଢ଼ଉ ହୋଇଥିଲା ବେଳେ ଆଜିପର୍ଯ୍ୟନ୍ତ କାହିଁକି କୌଣସି ଦଣ୍ଡବିଧାନ କରାଯାଇନାହିଁ ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ତଦନ୍ତ ଚାଲିଛି, ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଚାଷ ସମୟରେ ସାର କଳାବଜାରୀ କରି ଖୋଦ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ସାମ୍ନାରେ ବ୍ୟବସାୟୀ ଧରା ପଡୁଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି। ପ୍ରଶାସନ କିମ୍ବା କୃଷି ଅଧିକାରୀ କାହା ଚାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛନ୍ତି ନା କିଛି ଭିତିରି କଥା ପଦାରେ ପଡ଼ିବା ନେଇ ଚୁପ ରହୁଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏ ସବୁ ଭିତରେ ଗରିବ ଚାଷୀମାନେ ସନ୍ତୁଳି ହେଉଥିବା ବେଳେ ଅସାଧୁ ସାର ବ୍ୟବସାୟୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହାକୁ ଅପେକ୍ଷା।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

### ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ




ଢେଙ୍କାନାଳ,୧୪।୮ (ସମିସ): ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ କର୍ମଚାରୀ ସାମିଲ ହୋଇଥିଲେ। ବାଜିଚୌକରେ ସହିଦ ବାଜି ରାଉତଙ୍କୁ ଅଧ୍ୟକ୍ଷ ଡ. ସମୀର ସାହୁ ଶ୍ରଦ୍ଧାସୁମନ ଅର୍ପଣ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ହିନ୍ଦୋଳ ମହାବିଦ୍ୟାଳୟ

ଖଜୁରିଆକଟା,୧୪।୮ (ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା



ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବାଲିମି ଥାନା ପୁଲିସ ସହଯୋଗରେ ଅନୁଷ୍ଠିତ ଶୋଭାଯାତ୍ରାରେ ପ୍ରାୟ ୧୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇ ଖଜୁରିଆକଟା ବଜାର ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ସମବେତ ଛାତ୍ରଛାତ୍ରୀଙ୍କୁ ତ୍ରିରଙ୍ଗା ପଦଯାତ୍ରାର ଉଦ୍ଦେଶ୍ୟ ଓ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ସମ୍ପର୍କରେ ଅଧ୍ୟକ୍ଷ ଧଳ ମାର୍ଗଦର୍ଶନ କରିଥିଲେ।

## ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଭୁବନ,୧୪।୮ (ସମିସ): ଭୁବନରେ ପ୍ରସିଦ୍ଧ ଗଣେଶ ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନ ଏନଏସି ସଭାଗୃହରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, ବିଦ୍ୟୁତ୍ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ନଳିନୀ ଶଙ୍କର ରଥ, ପୁଲିସ ଏସଆଇ, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ମେଳଣ କମିଟି ସଭାପତି ସୁବ୍ରତ ସାହୁ, ସମ୍ପାଦକ ଜିତେନ୍ଦ୍ର ଦାସ, ବରିଷ୍ଠ ସଭ୍ୟ କାଳନ୍ଦୀ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଆସନ୍ତା ୨୭ ତାରିଖରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ୨୦ ମଣ୍ଡପରେ ଗଜାନନଙ୍କ ପୂଜା ହେବ। ୫ ଓ ୬ ତାରିଖ ଦୁଇଦିନ ମେଳଣ ପଡ଼ିଆରେ ଗଣେଶ ମେଳଣ ଅନୁଷ୍ଠିତ ହେବ। ୭ ତାରିଖ ମଧ୍ୟାହ୍ନରେ ମିଳିତ ଭସାଣି ଅନୁଷ୍ଠିତ ହେବ। ପୂଜା ପୂର୍ବରୁ ପେଟ୍ରୋଲ ପମ୍ପ ଛକରୁ ନୂଆ ଭୁବନ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଦଶହରା ରୁଟ ରାସ୍ତା, ଡ୍ରେନ ମରାମତି, ତଳକୁ ଝୁଲି ରହିଥିବା ବିଦ୍ୟୁତ ତାରକୁ ସଜାଡ଼ିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ପ୍ରତ୍ୟେକ ପୂଜା ମଣ୍ଡପରେ ପୁଲିସ ବାହିନୀ ମୁତୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶାନ୍ତି କମିଟି ସଦସ୍ୟ ଟିଟୁ ଦାସ, ମନୋରଞ୍ଜନ ବେହେରା, ମିଥୁନ ପାତ୍ର, ଜଗନ ବେଜ, ନିର୍ମଳ ଗୁରୁ, ଜୀବନଜ୍ୟୋତି ପୃଷ୍ଟି, ରାକେଶ ପୃଷ୍ଟି, ଡମ୍ବରୁଧର ପାତ୍ର, ନାରାୟଣ ନାୟକ, ରାମ ନାୟକ, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ସିଲୁ ନାୟକ, ସୌରଭ ରାଉତ, ମିଲୁ ରାଉତ, ସତ୍ୟବ୍ରତ ନାୟକ, ସୁଶାନ୍ତ ବାରିକ, ପ୍ରଭଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହାବିଦ୍ୟାଳୟରେ ଇନୋଭେସନ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା




ଢେଙ୍କାନାଳ,୧୪।୮ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇନୋଭେସନ ଏବଂ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ୧୦ ଛାତ୍ରଛାତ୍ରୀ ଇନୋଭେସନ ଓ ଷ୍ଟାର୍ଟଅପ ସମ୍ପର୍କରେ ସେମାନଙ୍କ ଆଧୁନିକ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ବିଚାରକ ମଣ୍ଡଳୀ ସଦସ୍ୟ ଭାବେ ମହାବିଦ୍ୟାଳୟର ବରିଷ୍ଠ ପ୍ରଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ପୁରାତନ ଛାତ୍ରସଂଘ ସଭାପତି ତଥା ଅବସରପ୍ରାପ୍ତ ବାଣିଜ୍ୟ ବିଭାଗ ପ୍ରଫେସର ଡ. ଅଭୟ କୁମାର ପଣ୍ଡା ଓ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସଫଳ ଉଦ୍ୟୋଗପତି ଡ. ବିନୋଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଇନୋଭେସନ ଓ ଷ୍ଟାର୍ଟଅପର ୨ ପରାମର୍ଶଦାତା ଡ. ସୌମ୍ୟା ନନ୍ଦ ଓ ଦିଲୀପ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରତିଯୋଗିତାରେ ରାଲୀ ଚୌଧୁରୀ ଏବଂ ଶ୍ରୀୟନ ସ୍ୱରୂପ ମିଶ୍ର ପ୍ରଥମ, ପ୍ରତ୍ୟାଶା ପଟ୍ଟନାୟକ ଦ୍ୱିତୀୟ ଓ ରାଜେଶ୍ୱରୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରପ୍ରାପ୍ତ ଅଧିକାରୀ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

ପରଜଙ୍ଗ,୧୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏବିଇଓ ତଥା ବିଆରସିସି ସତ୍ୟବ୍ରତ ସାହୁ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ଦିବ୍ୟାଙ୍ଗ ଚିହ୍ନଟ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବିଇଓ ପ୍ରିୟଦର୍ଶିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୯୭ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଏମାନଙ୍କ ମଧ୍ୟରୁ ସ୍ୱଳ୍ପ ଦୃଷ୍ଟିବାଧିତ ୩୪ ଜଣ, ଶ୍ରବଣବାଧିତ ୧୦ ଜଣ, ବୌଦ୍ଧିକବାଧିତ ୨୪ ଜଣ ଓ ଶାରୀରିକ ଭିନ୍ନକ୍ଷମ ୨୯ ଜଣଙ୍କୁ ଡାକ୍ତର ପରୀକ୍ଷା ନିରୀକ୍ଷା କରିଥିଲେ। ବିଭିନ୍ନ ବିଭାଗରେ ଚିହ୍ନଟ ହୋଇଥିବା ୭ ଜଣଙ୍କୁ ସିପି ଚେୟାର, ୭ ଜଣଙ୍କୁ ହୁଇଲ ଚେୟାର, ୭ ଜଣଙ୍କୁ ଟିଏଲଏମ କିଟ୍ ଓ ୫ ଜଣଙ୍କୁ ଶ୍ରାବଣ ଯନ୍ତ୍ର ମୁଖ୍ୟଅତିଥି ବିଇଓ ନାୟକ ବଣ୍ଟନ କରିଥିଲେ। ବିଆରଟି ଅଶୋକ କୁମାର ପଣ୍ଡା, ସ୍ୱୟଂପ୍ରଭା ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଭୂତିଆଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆଇଇଭିର ସଦସ୍ୟମାନେ ସହଯୋଗ କରିଥିଲେ।

● ଗାଁ ଦାଣ୍ଡରେ ଜଳ ଯୋଗାଣ ବିଭାଗ ଫାଉଣ୍ଟେନ ଶୋ'

## କାଦୁଅ ପଚପଚ ରାସ୍ତାରେ ଗ୍ରାମବାସୀଙ୍କ ଯାତାୟାତ

କାମାକ୍ଷାନଗର,୧୪।୮ (ସମିସ): କାମାକ୍ଷାନଗର ବ୍ଲକ କାନପୁରା ଗ୍ରାମରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଫାଉଣ୍ଟେନ ଶୋ' ଦେଖିବାକ ମିଳିଛି। ପାନୀୟ ଜଳଯୋଗାଣ ବିଭାଗ ଦ୍ୱାରା ବିଛାଯାଇଥିବା ପାଇପ୍ ଫାଟି ଉପରକୁ ପାଣି ଉଠୁଛି। ଫଳରେ କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରୁଛନ୍ତି କାନପୁରା ଗ୍ରାମବାସୀ।



କାନପୁରା ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମଙ୍ଗଳା ମନ୍ଦିର ନିକଟରେ ପାଇପ ଫାଟିଯାଇଛି। ଫଳରେ ଉକ୍ତ ସ୍ଥାନରେ ବର୍ଷସାରା ପାଣି ଜମିବା ସହ ରାସ୍ତା କାଦୁଅ ପଚପଚ ହୋଇଛି। ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗ୍ରାମବାସୀ ସମେତ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ବର୍ଷସାରା କାଦୁଅ ପଚପଚ ରାସ୍ତାରେ ଯିବାଆସିବା କରୁଛନ୍ତି। ଏହା କାନପୁରା ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପାଇପ ଫାଟି ପାଣି ଜମାହେବା ଦ୍ୱାରା ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ପାଇପ ଫାଟିବା ଦ୍ୱାରା ବାହାର ଦୂଷିତ ଜଳ ଓ ବର୍ଜ୍ୟବସ୍ତୁ ପାଇପ ଭିତରେ ପଶୁଥିବାରୁ ଲୋକେ ଦୂଷିତ ଜଳ ପିଉଛନ୍ତି। ଦୀର୍ଘଦିନ ଧରି ଏହି ପାଇପ ଫାଟିଥିବା ବେଳେ ଆଜିପର୍ଯ୍ୟନ୍ତ ମରାମତି କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜଳ ଯୋଗାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପାଇପ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କେନାଲ ପାଣିକୁ ନାହିଁ ଭରସା

# ନିଅଣ୍ଟିଆ ବର୍ଷା ଯୋଗୁଁ ଧାନ ଚାଷ ପ୍ରଭାବିତ; ଚାଷୀ ହତାଶ



ପରଜଙ୍ଗ,୧୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର କେତେକ ଗ୍ରାମର ଚାଷଜମିରେ କେନାଲ ପାଣି ନ ମାଡ଼ିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ରଙ୍ଗଥଳି କେନାଲରୁ ସବ ମାଇନର କେନାଲ କରାଯାଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ବର୍ତ୍ତମାନ ରଙ୍ଗଥଳି ଟେଲ ଡିଷ୍ଟ୍ରିବ୍ୟୁଟାରୀରୁ ରଙ୍ଗଥଳି ଦେଇ ଯାଇଥିବା ସବ ମାଇନର କେନାଲ ଦୀର୍ଘବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଚାଷଜମିକୁ ସଠିକ ଭାବେ ପାଣି ମାଡ଼ିପାରୁନାହିଁ। ଫଳରେ ହଜାର ହଜାର ଚାଷୀଙ୍କ ଜମି ପ୍ରଭାବିତ ହୋଇଛି। ରଙ୍ଗଥଳି ଡିଷ୍ଟ୍ରିବ୍ୟୁଟାରିରୁ ସବମାଇନର କେନାଲ ବାହାରି ଝରଣବାହାଳ ପାତ୍ର ସାହି, ଗୋପାଳ ସାହି, ହରିଜନ ସାହି ଓ କୁଲେଇପାତ୍ର ସାହିର ଚାଷୀଙ୍କ ଜମିରେ ପାଣି ମାଡ଼ିବା ପାଇଁ ବନ୍ଦୋବସ୍ତ କରାଯାଇଛି। ବର୍ତ୍ତମାନ ଏହି କେନାଲରେ ପାଣି ଯାଉ ନ ଥିବାରୁ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। କେନାଲ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ମରାମତି ଅଭାବରୁ ଅନାବନା ଗଛ ବୁଦାବଣରେ କେନାଲ ଅଦୃଶ୍ୟ ହୋଇଯାଇଛି। ଫଳରେ ଜମିକୁ ପାଣି ଯିବା ଅସମ୍ଭବ ହୋଇପଡ଼ିଛି। ଅନ୍ୟପଟେ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ ଜମି ଫାଟି ଆଁ କରିବାକୁ ବସିଲାଣି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଚାଷ କରିଥିବା ଚାଷୀ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି। ହଜାର ହଜାର ହେକ୍ଟରରେ କରାଯାଇଥିବା ଧାନ ଚାଷ କେବଳ ସ୍ୱଳ୍ପ ବର୍ଷା ଯୋଗୁଁ ବଞ୍ଚିରହିଛି। ଚାଷୀମାନେ ନିରୁପାୟ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି। ତୁରନ୍ତ କେନାଲ ମରାମତି କରି ଜମିକୁ ପାଣି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



Lunching of Zoom 125, Courtesy Soumik Hero, Jajpur Road

**ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲା**

# ପୂର୍ବତନ ଡିଏଫ୍‌ଓ ଓ ରୋଷେୟାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

ପାରଳାଖେମୁଣ୍ଡି,୧୪।୮ (ସମିସ): ୨୦୨୧ରେ ଘଟିଥିବା ବହୁ ଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପୂର୍ବତନ ଡିଏଫ୍‌ଓ ଓ ରୋଷେୟାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ(ଜାମିନ ବିହୀନ ଗିରଫ ପରୱାନା) ଜାରି କରିଛନ୍ତି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍। ଏହି ଘଟଣାରେ ତିନି ଅଭିଯୁକ୍ତ ରହିଥିବାବେଳେ ପୂର୍ବତନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି। ଘଟଣାରେ ତିନି ଜଣ ଅଭିଯୁକ୍ତ ମୃତ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଧର୍ମପତ୍ନୀ ବିଦ୍ୟାଭାରତୀ ପଣ୍ଡା, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ବିଦ୍ୟାଭାରତୀ ପଣ୍ଡାଙ୍କ ଆବେଦନ ସ୍ଥଗିତ ରହିଥିବା ବେଳେ କିଛି ଦିନ ପୂର୍ବେ ସଂଗ୍ରାମ କେଶରୀ ବେହେରା ଓ ମନ୍ମଥ କୁମ୍ଭଙ୍କ ଆବେଦନ ଖାରଜ ହୋଇଥିଲା। ଯାହାକୁ ନେଇ ଆଜି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ସଂଗ୍ରାମ କେଶରୀ ବେହେରା ଓ ମନ୍ମଥ କୁମ୍ଭଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରୀ କରିଛନ୍ତି। ଫଳରେ ଏହି ଦୁଇ ଅଭିଯୁକ୍ତଙ୍କ ଅଡୁଆ ବଢ଼ିଛି।



ସୂଚନାଯୋଗ୍ୟ ଯେ ୨୦୨୧ ଜୁଲାଇ ୧୨ରେ ପାରଳାଖେମୁଣ୍ଡି ସ୍ଥିତ ବନବିଭାଗ କାର୍ଯ୍ୟାଳୟ ପରିସରରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ରହୁଥିବା ସରକାରୀ ବାସଭବନରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ। କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତାଙ୍କ ପୁଅକୁ ବିଦ୍ୟା ଭାରତୀ ପଣ୍ଡା, ଗଜପତି ଜିଲ୍ଲାର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ମିଶି ହତ୍ୟା କରିଥିବା ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ପ୍ରଥମେ ପାରଳାଖେମୁଣ୍ଡି ପୁଲିସ ଓ ପରେ ରାଜ୍ୟ ସରକାର ମାମଲାଟିକୁ ତଦନ୍ତ ନିମନ୍ତେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ।

କ୍ରାଇମ୍ ବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇ ୯ ଅକ୍ଟୋବର ୨୦୨୧ରେ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲା ଦୌରାଜଜ୍ ଅଦାଲତର ସିଏସ୍‌ଆଇରେ ରିପୋର୍ଟ ଦାଖଲ ହୋଇଥିଲା। ତେବେ ଯେଉଁ ଚାର୍ଜ ଫ୍ରେମ କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିଥିଲା। ଆଇପିସିର ୨୮୫ ଓ ୩୦୪(କ) ଧାରା ଲଗାଇଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ମୃତ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ୨୦୨୩ ମେ ୧୬ରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତରେ ଏକ ୱାନ୍‌ସିସି ମାମଲା କରିଥିଲେ। ୨୨/୨୦୨୨ରେ ହତ୍ୟା ମାମଲା ଚାଲିବ ବୋଲି ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ୭ ଅପହରଣକାରୀ ଗିରଫ

**୨ କାର୍, ୨୫ ହଜାର ଟଙ୍କା ଓ ୪ ମୋବାଇଲ୍ ଜବତ**




ପାରଳାଖେମୁଣ୍ଡି,୧୪।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିସରରେ ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ପୁଲିସକୁ ସଫଳତା ମିଳିଥିବା ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଡାମୁଣୀଗାଁ ସ୍ଥିତ ଶ୍ରୀହରି ଗ୍ରାନାଇଟ୍ ପରିଚାଳକ ଧର୍ମେନ୍ଦ୍ର କୁମାରଙ୍କୁ ଗତକାଲି ଅପରାହ୍ନ ୩ ଟାରେ ଦୁଇଟି କାର୍‌ରେ କିଛି ଲୋକ ଆସି ଅପହରଣ କରି ନେଇ ମୁକ୍ତି ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣା ପରେ ଉକ୍ତ ଗ୍ରାନାଇଟ୍‌ର ମାଲିକ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଏବଂ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ଆନ୍ଧ୍ର ପ୍ରଦେଶର ବିଜୟାନଗରମରୁ ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ପୁଲିସ। ଏହି ଘଟଣାରେ ୭ ଜଣ ଗିରଫ ହେବା ସହ ଅପହରଣରେ ବ୍ୟବହୃତ ଦୁଇଟି କାର୍, ୪ ମୋବାଇଲ୍, ନଗଦ ୨୫ ହଜାର ଟଙ୍କା ପୁଲିସ୍ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଆନ୍ଧ୍ର ପ୍ରଦେଶ ବିଜୟନଗରମ୍ ପୁଲବାଗ କଲୋନୀର ଗୋପାଳ ସିଂ(୪୨), ଦଶମନ୍ତଲା ସାଇକୁମାର (୨୦), ବୋଦାଲା ପ୍ରଶ୍ନ କୁମାର (୨୯), ପୋନା ସାଇ (୨୭), କୋଟାମହାନ୍ତି ମୂରଲୀ (୪୦), ଟାଙ୍ଗେଟି କ୍ରିଷ୍ଣା (୪୦) ଓ ବାଣ୍ଡି ରମେଶ (୪୬)। ଅପହରଣ ବ୍ୟବସାୟୀକ ଆର୍ଥିକ କାରବାରକୁ ନେଇ ଘଟିଥିବା ପୁଲିସ ସୂଚନା ଦେଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ପୁଲିସ ମାମଲା ରୁଜୁ କରି ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।


**ନାବାଳିକା ବଳାତ୍କାର ମାମଲା**

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଫୁଲବାଣୀ,୧୪।୮ (ସମିସ): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୬୪ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୩ ବର୍ଷ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଅନ୍ତର୍ଗତ ମାଧପୁରର ମାନସ ଓରଫ ଦୀନେଶ ପ୍ରଧାନ (୨୬)।

ସୂଚନା ଅନୁସାରେ ପୀଡ଼ିତା ଜଣକ ଅଜା ଘରେ ରହି ଫୁଲବାଣୀ ମହା ବିଦ୍ୟାଳୟରେ ପାଠ ପଢୁଥିଲେ। ୨୦୧୬ ଅକ୍ଟୋବର ୭ ଦିନ ଅଭିଯୁକ୍ତ ପୀଡ଼ିତାଙ୍କୁ ଅପହରଣ କରି ନେଇ ଶଙ୍ଖା ସିନ୍ଦୁର ପିନ୍ଧାଇ ଫୁଲବାଣୀର ଏକ ଭଡ଼ା ଘରେ ରଖି ପ୍ରାୟ ତିନିମାସ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବାପା ଟାଉନ୍ ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ସଦର ଥାନାକୁ ସୂଚନା ଦେବା ପରେ ସଦର ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରି ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୭ ଜଣ ସାକ୍ଷୀଙ୍କ ବୟାନ ଓ ଡ଼ାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରିଥିଲେ।




**ନାବାଳିକା ଅପହରଣ ଓ ବଳାତ୍କାର ମାମଲା**

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ଫୁଲବାଣୀ,୧୪।୮ (ସମିସ): ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ ସହିତ ୫୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକା ୯ ମାସ ଜେଲ ଭୋଗିବା ପାଇଁ ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ଉପରଖୋଲ ଅଂଚଳର ରଂଜନ ଦେହୁରୀ(୨୬)।

ସୂଚନା ପ୍ରକାରେ , ଗତବର୍ଷ ଫେବୃଆରୀ ୭ରେ ଖଜୁରିପଡ଼ା ଥାନା ଅଂଚଳର ଜନୈକା ନାବାଳିକା ସକାଳେ ଘରୁ ବାହାରି ଆଉ ଫେରି ନଥିଲେ। ୧୦ ତାରିଖ ଦିନ ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଖଜୁରିପଡ଼ା ଥାନାରେ ଏତଲା ଦିଆଯାଇଥିଲା। ପୁଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ପରେ ସେହିଦିନ ହିଁ ନାବାଳିକାଙ୍କୁ ଟିକାବାଲି ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲା। ପରଦିନ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରି ପୋକ୍‌ସୋ କୋର୍ଟ ବିଚାରପତି ମନୋରଂଜନ ଦାସ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅସିମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

**କାଳିଆ ଜେନାଙ୍କୁ ବୋମା ଓ ଗୁଳିମାଡ଼ ଘଟଣା**

# ସୁପାରିକିଲର ସହ ଭାଇ ଗିରଫ




ଶେରଗଡ଼,୧୪।୮ (ସମିସ): ନିରଞ୍ଜନ ଜେନା (କାଳିଆ)ଙ୍କୁ ଜୁଲାଇ ୨୫ ସନ୍ଧ୍ୟାରେ ବୋମାମାଡ ସହିତ ଗୁଳିମାଡ ହୋଇଥିଲା। କାଳିଆ ପୋଖରୀକୁ ଡେଇଁ ପଡ଼ିବାରୁ ଜୀବନ ବଞ୍ଚି ଯାଇଥିଲା। ମାତ୍ର ତାଙ୍କ ଦେହରେ ଗୁଳି ବାଜିଥିଲା। ଏହି ଘଟଣାକୁ ନେଇ ନିରଞ୍ଜନଙ୍କ ସ୍ତ୍ରୀ ସରିତା ଜେନା ଶେରଗଡ ଥାନାରେ ୧୯ ଜଣଙ୍କ ନାମରେ ୨୬ ତାରିଖ ଦିନ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ନଂ.୩୧୮/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏହି ଘଟଣାକୁ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ନିଜେ ତଦନ୍ତ କରିବା ସହ ଆସାମୀ ମାନଙ୍କୁ ଧରିବାକୁ ଏକ ଟିମ୍ ଗଠନ କରିଥିଲେ। ୫ ଜଣ ଷଡ଼ଯନ୍ତ୍ରକାରୀ ଏବଂ ଜଣେ ଘଟଣାସ୍ଥଳରେ ଉପସ୍ଥିତ ଆସାମୀଙ୍କୁ ଅଗଷ୍ଟ ୧ରେ ଗିରଫ କରିଥିଲା ପୁଲିସ। ମୁଖ୍ୟ ଅଭିଯୁକ୍ତ ସୁପାରି କିଲର ଧରାକୋଟ ଥାନା ଧରାକୋଟ ମୁସଲିମ ସାହିର ନବାର ଖାନଙ୍କ ପୁଅ ଜମିର ଖାନ (୩୩) ଓ ସହଯୋଗୀ ଭାଇ ବଖାରୀ ଖାନ (୨୭)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଯଥା ଶୀଘ୍ର ଗିରଫ କରାଯିବ ବୋଲି ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ପ୍ରକାଶ କରିଛନ୍ତି। ସେମାନଙ୍କ ନିକଟରୁ ୩ ଟି ବନ୍ଧୁକ, ୬ ଟି ଜୀବନ୍ତ ଗୁଳି, ୩ଟି ମାଗାଜିନ, ୩ ଟି ମୋବାଇଲ ଜବତ କରାଯାଇଛି। ଜମିର ଖାନ ଜଣେ ପେଷାଦାର ଅପରାଧୀ ସହ କୁଖ୍ୟାତ ବୋମା ଭିଡ଼ାଳି ଏବଂ ଗଞ୍ଜାମ ଜିଲ୍ଲାରେ ଜମିର ନାମରେ ବହୁ ମାମଲା ଥିବା ଏସଡିପିଓ କହିଛନ୍ତି।

ସାମ୍ବାଦିକ ସମ୍ମିଳନୀ ସମୟରେ ଏସ୍‌ଡିପିଓ ସନ୍ତୋଷ କୁମାର ଜେନାଙ୍କ ସମେତ ଶେରଗଡ଼ ଥାନା ଅଧିକାରୀ ବରେନ୍ଦ୍ର ସିଅଳ, ଏସ୍‌ଆଇ ସରଲତା ପ୍ରଧାନ, ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଦାସ, ଏଏସ୍‌ଆଇ ସମୀର କିଶୋର ଚନ୍ଦ୍ର ପାଳଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କନ୍ଦିଗାଁରେ ଯୁବକଙ୍କୁ ହାଣି ଦେଲେ

ଖଲ୍ଲିକୋଟ,୧୪।୮ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କନ୍ଦିଗାଁ ଛକରେ ବୁଧବାର ରାତିରେ ମା-ପୁଅ ବାଇକରେ ଯାଉଥିବା ମରଣାନ୍ତକ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ପୁଅ ମୁଣ୍ଡକୁ ହାଣି ପକାଇବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ହେଉଛନ୍ତି କନ୍ଦିଗାଁର ଦୁଃଖୀ ବାରିକ। ଦୁଃଖୀ ତାଙ୍କ ମା'ଙ୍କ ସହିତ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କନ୍ଦିଗାଁ ଛକ ନିକଟରେ କିଛି ଯୁବକ ଘେରି ଯାଇ ଅତର୍କିତ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାକୁ ଯାଇ ମା'କୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମର କିଛି ଯୁବକଙ୍କ ସହିତ ଦୁଃଖୀଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ସେହି ଯୁବକମାନେ ହିଁ ଦୁଃଖୀଙ୍କ ଉପରେ ଏଭଳି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।



## ଅଭିନେତା ଦର୍ଶନଙ୍କ ଜାମିନ ବାତିଲ୍ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ରେଣୁକାସ୍ୱାମୀ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଅଭିନେତା ଦର୍ଶନ ଓ ଅନ୍ୟ ଲୋକଙ୍କୁ ଦିଆଯାଇଥିବା ଜାମିନକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ ଜେବି ପାରଦିୱାଲା ଓ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଦେଶକୁ ଖାରଜ କରିବା ସହ ଏଥିରେ ବହୁତ ତ୍ରୁଟି ରହିଛି ବୋଲି କହିଛନ୍ତି। ଅଭିଯୁକ୍ତ ଯେତେ ବଡ଼ ହୁଅନ୍ତୁ ନା କାହିଁକି, ତାଙ୍କ ଲୋକପ୍ରିୟତା ଯେତେ ହେଉ ନା କାହିଁକି ସେ ଆଇନ୍‌ର ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏହାଦ୍ୱାରା ପୂରା ସମାଜକୁ ଏକ ଗଠନମୂଳକ ବାର୍ତ୍ତା ଯିବ। ତେଣୁ ଯଥାଶୀଘ୍ର ଅଭିଯୁକ୍ତ ଆତ୍ମସମର୍ପଣ କରନ୍ତୁ ବୋଲି କୋର୍ଟ କହିଛନ୍ତି। କୋର୍ଟ ଦର୍ଶନଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଲରେ ଅଭିଯୁକ୍ତମାନଙ୍କୁ ବିଶେଷ ସୁବିଧା ସୁଯୋଗ ନ ଦେବାକୁ ତାଗିଦ କରିଛନ୍ତି। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ସହଯୋଗୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଦର୍ଶନ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଇକୋର୍ଟ ୨୦୨୪ ଡିସେମ୍ବର ୧୩ରେ ଜାମିନ ପ୍ରଦାନ କରିଥିଲେ। ଏବେ ବଲ୍ଲାରୀ ଜେଲ୍‌ରେ ଦର୍ଶନ ଓ ଅନ୍ୟମାନଙ୍କୁ ରଖାଯିବ ଓ ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉଲ୍ଲେଖଥାଉ କି ଦର୍ଶନ ଓ ପବିତ୍ର ଗୌଡା ସମେତ ଅନ୍ୟ ଅଭିଯୁକ୍ତମାନେ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରିବା ସହ ନିର୍ଯାତନା ଦେଇଥିଲେ। ତାଙ୍କ ମୃତଦେହ ଏକ ନାଳରୁ ମିଳିଥିଲା।

## ପାଇଲଟ୍‌ଙ୍କ ଡ୍ୟୁଟି ନେଇ ଏୟାର ଇଣ୍ଡିଆକୁ ଡିଜିସିଏର ଚେତାବନୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ପାଇଲଟମାନଙ୍କ ଡ୍ୟୁଟି ସମୟସୀମା ଉଲ୍ଲଂଘନ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଦୁଇଟି ଅନ୍ତର୍ଜାତୀୟ ଉଡାଣକୁ ନେଇ ଡିଜିସିଏ ଏହି ଚେତାବନୀ ଦେଇଛି। ଗତ ମେ ମାସରେ ବେଙ୍ଗାଲୁରୁ ଓ ଲଣ୍ଡନ ମଧ୍ୟରେ ଚାଲୁଥିବା ଦୁଇଟି ବିମାନରେ ପାଇଲଟମାନେ ୧୦ ଘଣ୍ଟାରୁ ଅଧିକ ସମୟ ବିମାନ ଚଳାଇଥିଲେ। ଏହା ନିୟମର ଘୋର ଉଲ୍ଲଂଘନ ବୋଲି ଡିଜିସିଏ ତରଫରୁ କୁହାଯାଇଛି। ଡିଜିସିଏ ଏସଂକ୍ରାନ୍ତରେ ଏୟାରଲାଇନକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଭବିଷ୍ୟତରେ ଏପରି ନ କରିବାକୁ ଡିଜିସିଏ ଚେତାବନୀ ଦେଇଛି। କିନ୍ତୁ ପାକିସ୍ତାନର ଆକାଶ ସୀମା ବନ୍ଦ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଏଥିପାଇଁ ଅଧିକ ଦୂର ଅତିକ୍ରମ କରିବାକୁ ପଡୁଛି ବୋଲି ଏୟାରଲାଇନ୍ସର ମୁଖପାତ୍ର କହିଛନ୍ତି। କିନ୍ତୁ ପରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି ଜଣେ ପାଇଲଟ ଗୋଟିଏ ଦିନରେ ଅତିବେଶିରେ ୧୦ ଘଣ୍ଟା ବିମାନ ଉଡାଇବାର ନିୟମ ରହିଛି। ପାଇଲଟଙ୍କୁ କ୍ଲାନ୍ତିରୁ ମୁକ୍ତି ଦେବା ଓ ବିମାନ ଉଡ଼ାଣକୁ ସୁରକ୍ଷିତ କରିବା ହେଉଛି ଏହାର ଲକ୍ଷ୍ୟ। ପୁଣି ପ୍ରତ୍ୟେକ ଉଡ଼ାଣ ପରେ ଜଣେ ପାଇଲଟଙ୍କୁ ୧୨ ଘଣ୍ଟା ବିଶ୍ରାମ ନେବା ଜରୁରି ବୋଲି କୁହାଯାଇଛି।

## ୭୦ ଦେଶର ଜେଲ୍‌ରେ ଅଛନ୍ତି ୧୦,୫୭୪ ଭାରତୀୟ କଏଦୀ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୧୦ ହଜାର ୫୭୪ ଜଣ ଭାରତୀୟ କଏଦୀ ରହିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଲୋକସଭାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। ମଧ୍ୟପ୍ରାଚ୍ୟ ଦେଶ ୟେମେନ ସମେତ ୧୧ଟି ଦେଶରେ ୪୩ ଜଣ ଭାରତୀୟ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ କେତେଜଣ ବିଚାରାଧୀନ କଏଦୀ ରହିଛନ୍ତି। ଆଉକେତେ ଜଣ ଦଣ୍ଡିତ ହୋଇ ସାରିଛନ୍ତି। ଆଉ କେତେକ ସଜା ପୂରା କରିବା ପରେ ମୁକ୍ତି ଓ ପ୍ରତ୍ୟାର୍ପଣ ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଦେଶରେ ୧୦୦ରୁ ଅଧିକ ଭାରତୀୟ ଜେଲ୍‌ରେ ଅଛନ୍ତି। କିନ୍ତୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛି କାରଣରୁ ସବୁ ଦେଶ ସବୁ ତଥ୍ୟ ଦେଇ ନଥାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ୨୧ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଗତ ଗୋଟିଏ ଦଶକରେ ବିଦେଶରେ ଭାରତୀୟ କଏଦୀ ସଂଖ୍ୟାରେ ୬୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୬ରେ ବିଦେଶୀ ଜେଲ୍‌ରେ ୬, ୪୮୯ ଭାରତୀୟ କଏଦୀ ରହିଥିଲେ। ୨୦୧୬ରେ ୬, ୪୮୯ କଏଦୀ ଥିଲେ। ୨୦୨୫ରେ ଏହି ସଂଖ୍ୟା ୧୦, ୫୭୪ରେ ପହଞ୍ଚିଛି ବୋଲି କୁହାଯାଇଛି।

## ଫାଙ୍କା ଗୁଳିଚାଳନାରେ ୩ ମୃତ, ୬୦ରୁ ଉର୍ଦ୍ଧ୍ୱ ଆହତ

କରାଚି, ୧୪।୮(ଏଜେନ୍ସି): ପାକିସ୍ତାନ ସ୍ୱାଧୀନତା ଦିବସ ପାଳନ ଅବସରରେ କରାଚିରେ ଗୁଳିକାଣ୍ଡ ଘଟିଛି। ଗୁଳି ଚାଳନା କରି ଉତ୍ସବ ମନାଯାଉଥିବା ବେଳେ ଜଣେ ୮ ବର୍ଷର ବାଳକଙ୍କ ସମେତ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟ ଜଣେ ବରିଷ୍ଠ ନାଗରିକ ମଧ୍ୟ ସାମିଲ ରହିଛନ୍ତି। ଏହି ଘଟଣାରେ ୬୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଅଗଷ୍ଟ ୧୩ ଓ ୧୪ରେ କରାଚିର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଉତ୍ସବ ପାଳନ କରିଥିଲେ। କେତେକ ସ୍ଥାନରେ ଲୋକେ ଉପରକୁ ଫାଙ୍କା ଗୁଳି ଚାଳନା କରି ଭିନ୍ନ ଢଙ୍ଗରେ ଉତ୍ସବ ମନାଇଥିଲେ। କିନ୍ତୁ ନିରିହ ଲୋକଙ୍କ ଦେହରେ ଗୁଳି ବାଜିଥିଲା। ଏହାପୂର୍ବରୁ କରାଚିରେ ଏକାଧିକବାର ଏଭଳି ଘଟଣା ଘଟିଛି। ୨୦୨୫ ଜାନୁଆରୀରେ କରାଚିର ଅଲଗା ଅଲଗା ସ୍ଥାନରେ ଗୁଳି ଚାଳନା ଘଟଣାରେ ୪୨ ଜଣ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୫ ଜଣ ମହିଳା ସାମିଲ ରହିଥିଲେ। ୨୩୩ଜଣ ଲୋକ ଆହତ ହୋଇଥିଲେ।

# ସ୍ମରଣୀୟ ହୋଇରହିବ ଅପରେସନ ସିନ୍ଦୂର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୪।୮: ପହଲଗାମରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ଲାଗି ଭାରତର 'ଅପରେସନ ସିନ୍ଦୂର' ଥିଲା ଆତଙ୍କବାଦ ବିରୋଧରେ ମାନବିକତାର ଲଢ଼େଇ। ଆତଙ୍କବାଦୀଙ୍କ ପହଲଗାମ ଆକ୍ରମଣ ଥିଲା କାପୁରୁଷପଣିଆ ଏବଂ ଅମାନବିକତାର ପରିଚୟ। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଜରିଆରେ ଆମର ସେନା ଜଣାଇ ଦେଇଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମର ଯବାନ ସର୍ବଦା ପ୍ରସ୍ତୁତ ରହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭାରତୀୟ ସେନାର ପ୍ରଶଂସା କରି ସେ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂର ଥିଲା ମାନବିକତାର ଲଢେଇ ଏବଂ ଇତିହାସରେ ଏହା ଲିପିବଦ୍ଧ ହୋଇରହିବ। ଯେଉଁମାନେ ଆମକୁ ଭାଗ ଭାଗ କରିବାକୁ ଚାହିଁଥିଲେ ସେମାନଙ୍କୁ ଭାରତବାସୀ ଏକ ହୋଇ ଠିକଣା ଜବାବ ଦେଇଛନ୍ତି। ଭାରତ କାହା ଉପରେ ଆକ୍ରମଣ କରିବ ନାହିଁ। କିନ୍ତୁ ଆକ୍ରମଣର ଶିକାର ହେଲେ ଭାରତ କିପରି ଉଚିତ ଜବାବ ଦେଇପାରୁଛି, ଭାରତର ସେହି ଶକ୍ତିକୁ ସାରା ବିଶ୍ୱ ଦେଖିଲା।

ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ଉଦବୋଧନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରିବା ସହିତ ଭାରତର ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଛନ୍ତି। ଜିଡିପିରେ ୬.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ସଫଳ ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ପାକିସ୍ତାନକୁ ଭାରତର ଚେତାବନୀ



### ନିଜ ଭାଷା ଉପରେ ନିୟନ୍ତ୍ରଣ ରଖ
### ନଚେତ ପରିଣାମ ଯନ୍ତ୍ରଣାଦାୟକ ହେବ

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। କେତେକ ପାକିସ୍ତାନ ନେତା ଭାରତ ବିରୋଧରେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ପରେ ଭାରତ ମଧ୍ୟ ଏହାର ଜବାବ ଦେଇଛି। ନିଜ ଭାଷା ଉପରେ ନିୟନ୍ତ୍ରଣ ରଖିବାକୁ ଭାରତ ପାକିସ୍ତାନକୁ ଚେତାବନୀ ଦେଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନିଜର ଅପାରଗତାକୁ ଲୁଚାଇବା ପାଇଁ ପାକିସ୍ତାନ ନେତାମାନେ ଭାରତ ବିରୋଧରେ ଏଭଳି ଦାୟିତ୍ୱହୀନ, ଯୁଦ୍ଧ ପାଇଁ ଉସ୍‌କାଇବା ଓ ଘୃଣା ସୃଷ୍ଟି କଲା ଭଳି ମନ୍ତବ୍ୟ ଦେଉଛନ୍ତି। ପାକ୍ ନେତାମାନେ ନିଜର ଭାଷା ଓ ବକ୍ତବ୍ୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ। ଯଦି ପାକିସ୍ତାନ କୌଣସି ଭୁଲ ପଦକ୍ଷେପ ନିଏ, ତେବେ ତା'ର ପରିଣତି ପାକିସ୍ତାନ ପାଇଁ ବହୁତ ଯନ୍ତ୍ରଣାଦାୟକ ହେବ ବୋଲି ଜୟସ୍ୱାଲ ଚେତାଇଛନ୍ତି। ସିନ୍ଧୁ ନଦୀ ଚୁକ୍ତିରୁ ଭାରତ ଓହରିଯିବା ପରେ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ଜଣ ନେତା ଭାରତ ବିରୋଧରେ ପରମାଣୁ ଆକ୍ରମଣ ଧମକ ଦେଇଥିଲେ। ଏମାନଙ୍କ ମଧ୍ୟରେ ପାକ୍ ସେନାମୁଖ୍ୟ ଆସିମ ମୁନୀର, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ସାମିଲ ରହିଛନ୍ତି।

ଯଦି ସିନ୍ଧୁ ନଦୀରେ ଭାରତ କୌଣସି ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ ।।କ୍ଷେପଣାସ୍ତ୍ର ମାଡ କରି ତାକୁ ଧ୍ୱଂସ କରିଦେବ ବୋଲି ମୁନୀର ଧମକ ଦେଇଥିଲେ। ସେହିପରି ଭାରତ ସହ ଯୁଦ୍ଧ କରି ଆମେ ସବୁ ୬ଟି ନଦୀକୁ ଫେରାଇ ଆଣିବୁ ବୋଲି ବିଲାୱଲ କହିଥିଲେ। ଯଦି ଶତ୍ରୁ ପାଣି ରୋକେ ତେବେ ଆମେ ଏଭଳି ଶାସ୍ତି ଦେବୁ ଯେ, ତାହାକୁ ସାରା ଜୀବନ ଭୁଲି ପାରିବ ନାହିଁ ବୋଲି ଶାହବାଜ ସରିଫ କହିଥିଲେ। ସିନ୍ଧୁ ଚୁକ୍ତି ନେଇ ପାକିସ୍ତାନର ଦାବିକୁ ଜୟସ୍ୱାଲ ପ୍ରତ୍ୟାଖାନ କରିଛନ୍ତି। ପହଲଗାମ ଆକ୍ରମଣ ସହିତ ସୀମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ କାର୍ଯ୍ୟକଳାପ ଜବାବରେ ଭାରତ ସିନ୍ଧୁ ଚୁକ୍ତିକୁ ସ୍ଥଗିତ ରଖିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୨୫ ଜୁନ୍ ୨୭ରେ ଏକ ପ୍ରେସ ବିବୃତି ।।ରେ ଭାରତ ଏନେଇ ସ୍ପଷ୍ଟ କରିଥିଲା ବୋଲି ସେ କହିଛନ୍ତି।

## ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ୯ ପାଇଲଟଙ୍କୁ ବୀର ଚକ୍ର

ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ଅପରେସନ ସିନ୍ଦୂରରେ ସାହସିକତା ପ୍ରଦର୍ଶନ କରିଥିବା ସଶସ୍ତ୍ର ବଳର ୮୬ ଜଣ ଯବାନଙ୍କୁ ଗାଲଣ୍ଟ୍ରି ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ବାୟୁସେନାର ୫୨ ଜଣ ଯବାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରାଯିବ। ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଏହା ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରରେ ପାକିସ୍ତାନକୁ ଧୂଳି ଚଟାଇଥିବା ବାୟୁସେନାର ୯ ଜଣ ପାଇଲଟଙ୍କୁ ବୀରଚକ୍ର ପୁରସ୍କାର ପ୍ରଦାନ କରାଯିବ। ଅପରେସନ ସିନ୍ଦୂରରେ ପାକିସ୍ତାନର ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିବା ପାଇଲଟ ଏଥିରେ ସାମିଲ ରହିଛନ୍ତି। ପରମବୀର ଚକ୍ର ଓ ମହାବୀର ଚକ୍ର ପରେ ବୀର ଚକ୍ରଙ୍କୁ ତୃତୀୟ ସ।।ର୍ବୋଚ୍ଚ ସାମରିକ ପୁରସ୍କାର ରୂପେ ବିବେଚନା କରାଯାଇଥାଏ। ଅପରେସନ ସିନ୍ଦୂର ପାଇଁ ଭାରତୀୟ ବାୟୁ ସେନାର ୱିଙ୍ଗ କମାଣ୍ଡର ଅଭିମନ୍ୟୁ ସିଂଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ସେହିପରି ୯ ଜଣ ରଞ୍ଜିତ ସିଂ



ସିଦ୍ଧୁ, ମନୀଷ ଅରୋଡା, ଅନିମେଷ ପାଟନୀ, କୃଣାଳ କାଲରା (ସମସ୍ତେ ଗ୍ରୁପ୍ କ୍ୟାପଟେନ), ସାର୍ଥକ କୁମାର, ସିଦ୍ଧାନ୍ତ ସିଂ, ରିଜୱାନ ମଲିକ (ସମସ୍ତେ ସ୍କ୍ୱାଡ୍ରନ ଲିଡର) ଏବଂ ଫ୍ଲାଇଟ୍ ଲେପଟନାଣ୍ଟ ଅର୍ଶବୀର ସିଂ ଠାକୁରଙ୍କୁ ବୀର ଚକ୍ର ପ୍ରଦାନ କରାଯାଇଛି।

ସଶସ୍ତ୍ର ବଳର ୭ ଜଣ ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ବାୟୁସେନାର ୩ ଓ ସେନାର ୨ ଓ ନୌସେନାର ଜଣେ ଅଧିକାରୀ ସାମିଲ ରହିଛନ୍ତି। ଏହାପୂର୍ବରୁ ଏହି ପୁରସ୍କାର କାରିଗିଲ ଯୁଦ୍ଧ ସମୟରେ ଶେଷଥର ପାଇଁ ଦିଆଯାଇଥିଲା। ସେହିପରି ଭାରତୀୟ ସେନାର ୧୮ ଜଣ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି। ଦୁଇଜଣ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକରେ ମଧ୍ୟ ସମ୍ମାନିତ କରାଯାଇଛି। ସେହିପରି ୪ କୀର୍ତ୍ତି ଚକ୍ର, ୪ ବୀର ଚକ୍ର ଓ ୮ ସୌର୍ଯ୍ୟ ଚକ୍ର ପୁରସ୍କର ମଧ୍ୟ ଭାରତୀୟ ସେନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ବିଏସ୍‌ଏଫ୍‌ର ୧୬ ଯବାନଙ୍କୁ ବୀରତା ମେଡାଲରେ ସମ୍ମାନିତ କରାଯାଇଛି।

### ଜମ୍ମୁ-କଶ୍ମୀରକୁ ପୁଣିଥରେ ରାଜ୍ୟର ମର୍ଯ୍ୟାଦା ଦେବା ମାମଲା

# କେନ୍ଦ୍ରଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଫେରାଇବା ଦାବିରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। କେନ୍ଦ୍ର ସରକାରଙ୍କୁ ୮ ସପ୍ତାହ ମଧ୍ୟରେ ଏ ନେଇ ଲିଖିତ ଭାବେ ଉତ୍ତର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲରେ ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ଏଭଳି ଆକ୍ରମଣକୁ ଅଣଦେଖା କରିହେବନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କୁ ଗଠିତ ଖଣ୍ଡପୀଠ ଏହାକୁ ଚନ୍ତାଜନକ ବୋଲି କହିଛନ୍ତି। ଜମ୍ମୁ-କଶ୍ମୀରରେ ତୃଣମୂଳ ସ୍ତରରେ ଥିବା ସମସ୍ୟା, ବାସ୍ତବ ସ୍ଥିତି ଓ ପହଲଗାମ ଭଳି ଆତଙ୍କବାଦୀ ଘଟଣାକୁ ଆଦୌ ଅଣଦେଖା କରିହେବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଉଲ୍ଲେଖଥାଉ କି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାର ଜାମ୍ମୁ-କଶ୍ମୀରକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିଥିଲେ। ଏହା ବିରୋଧରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ତେବେ ୨୦୨୩ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଠିକ୍ ବୋଲି କହିଥିଲେ। ସେତେବେଳେ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ ଅଶ୍ୱାସନା ଦେଇଥିଲେ। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟର ମର୍ଯ୍ୟାଦା ଦେବାକୁ କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରିନଥିଲେ।

ଜମ୍ମୁ-କଶ୍ମୀର ସ୍ଥିତିକୁ ବିଚାର କଲେ ବର୍ତ୍ତମାନ ଏନେଇ କୌଣସି କଥା ଉଠାଯିବା କଥା ନୁ।।ହେଁ। ଆମେ ସବୁ କଥା ମାନିବୁ ଓ ଏଥିପାଇଁ ୮ ସପ୍ତାହ ସମୟ ଦିଆଯାଉ ବୋଲି ତୁଷାର କୋର୍ଟଙ୍କୁ କହିଥିଲେ। ଆଠ ସପ୍ତାହ ପରେ ଏ ନେଇ ଶୁଣାଣି ହେବ। ୩୭୦ ଧାରା ହଟାଯିବା ପରେ ଜମ୍ମୁ-କଶ୍ମୀରରେ ୨୦୨୪ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ଫଳାଫଳ ଅକ୍ଟୋବର ୮ରେ ପ୍ରକାଶିତ ହୋଇଥିଲା। କିନ୍ତୁ ରାଜ୍ୟର ମର୍ଯ୍ୟାଦା ନ ମିଳିବା ପର୍ଯ୍ୟନ୍ତ ନିର୍ବାଚିତ ସରକାରଙ୍କ ମହତ୍ତ୍ୱ ପ୍ରାୟ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି କରାଯାଇଥିଲା।

# ପୁତିନଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ



### ଯୁଦ୍ଧ ବନ୍ଦ ନକଲେ ପରିଣତି ଭୟଙ୍କର ହେବ

ୱାଶିଂଟନ, ୧୪।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ପୁଣି ଧମକ ଦେଇଛନ୍ତି। କହିଛନ୍ତି ଯେ ଶୁକ୍ରବାର ଆଲାସ୍କାରେ ପୁତିନଙ୍କ ସହିତ ହେବାକୁ ଥିବା ଶିଖର ବୈଠକ ବିଫଳ ହେଲେ ରୁଷକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନରେ ଯୁଦ୍ଧ ସମାପ୍ତ ପାଇଁ ସେ ପୁତିନଙ୍କୁ ବୁଝାଇବେ। ଯୁଦ୍ଧ ଶେଷ କରିବାକୁ ପୁତିନ ରାଜି ନହେଲେ ତାଙ୍କୁ ଗମ୍ଭୀର ପରିଣତି ଭୋଗିବାକୁ ହେବ। ଅଗଷ୍ଟ ୧୫ ଅର୍ଥାତ ଶୁକ୍ରବାର ଟ୍ରମ୍ପ ଓ ପୁତିନ ଆଲାସ୍କାରେ ଶିଖର ବୈଠକ କରିବେ। ୟୁକ୍ରେନରେ ଗତ ସାଢ଼େ ୩ ବର୍ଷ ହେବ ଚାଲିଥିବା ଯୁଦ୍ଧକୁ ରୋକିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଦୁଇ ନେତା ପ୍ରଥମଥର ପାଇଁ ଆମେରିକା ମାଟିରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବରୁ ବୁଧବାର ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଅନ୍ୟ ୟୁରୋପୀୟ ନେତାଙ୍କ ସହ ଆଭାସୀ ବୈଠକରେ ମିଳିତ ହୋଇଥିଲେ। ଯୁଦ୍ଧ ଶେଷ କରିବାକୁ ହେଲେ ଦୁଇ ଦେଶକୁ ଜମି ଅଦଳବଦଳ କରିବାକୁ ହେବ ବୋଲି ଟ୍ରମ୍ପ କହିଥିଲେ। କିନ୍ତୁ ଏଥିରେ ୟୁକ୍ରେନ କ୍ଷତିଗ୍ରସ୍ତ ହେବ ବୋଲି ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଅପରପକ୍ଷରେ ଯୁଦ୍ଧ ଶେଷ କରିବାକୁ ନିଜ ଦେଶର ଜମି ଛାଡିବାକୁ ଜେଲେଁସ୍କି ମନା କରି ଦେଇଛନ୍ତି। ତେଣୁ ଆଲାସ୍କା ବୈଠକ ଉପରେ ଏବେ ସାରା ବିଶ୍ୱର ନଜର ରହିଛି ଓ ଏହି ବୈଠକ ଫଳାଫଳ କ'ଣ ହେବ ସେ ନେଇ ବିଭିନ୍ନ ଆକଳନ କରାଯାଉଛି। ପୁଣି ଯଦି ଟ୍ରମ୍ପ ଓ ପୁତିନଙ୍କ ମଧ୍ୟରେ ଏହି ବୈଠକ ବିଫଳ ହୁଏ, ତେବେ ଭାରତ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ଭାରତ ଉପରେ ଆହୁରି ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ଆମେରିକାର ପୂର୍ବରୁ ୨୫ ଓ ପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା। ତେଣୁ ଆଲସ୍କା ବୈଠକ ସଫଳତା ଉପରେ ସବୁ କିଛି ନିର୍ଭର କରୁଛି।

### ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ବହିଷ୍କାର କଲେ ଅଖିଳେଶ

## ଯୋଗୀଙ୍କୁ ପ୍ରଶଂସା କରିବା ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ, ୧୪।୮(ଏଜେନ୍ସି): ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ବିଧାୟିକା ପୂଜା ପାଲଙ୍କୁ ପାର୍ଟିରୁ ଗୁରୁବାର ବହିଷ୍କାର କରିଛନ୍ତି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ହତ୍ୟା କରିଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାକାଣ୍ଡ ପାଇଁ ତାଙ୍କୁ ନ୍ୟାୟ ପ୍ରଦାନ କରିଛନ୍ତି ବୋଲି ପୂଜା ବିଧାନସଭାରେ କହିଥିଲେ। ଅପରାଧୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଏହା ସମ୍ଭବ ହୋଇଥିଲା ବୋଲି ସେ କହିଥିଲେ।

ଦଳୀୟ ବିଚାରଧାରା ବିରୋଧରେ ଯାଇ ବିଧାୟିକା ପୂଜା ହିଂସା ପାଇଁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିଥିବାରୁ ତାଙ୍କୁ ପାର୍ଟିରୁ ବହିଷ୍କାର କରିଛନ୍ତି ଦଳର ସୁପ୍ରିମୋ ଅଖିଳେଶ ଯାଦବ। ବିଧାୟିକା ପୂଜା ପାଲ ହେଉଛନ୍ତି ରାଜୁ ପାଲଙ୍କ ପତ୍ନୀ। ୨୦୦୫ରେ ଅତିକ ରାଜୁ ପାଲଙ୍କୁ ହତ୍ୟା କରିଥିଲା। ପରେ ଅତିକ ଓ ତା ଭାଇ ଆଶ୍ରଫଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା କରାଯାଇଥିଲା। ଏଥିପାଇଁ ପୂଜା ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋତେ ଯାହା ଠିକ୍ ଲାଗିଲା ତାହା ହିଁ କହିଛି। ମୁଁ ସମାଜବାଦୀ ପାର୍ଟିର କିମ୍ବା ଅଖିଳେଶଙ୍କ ନାମ ନେଇ ନଥିଲି। ମୁଁ କେବଳ ଅତିକ ଅହମ୍ମଦର ନାଁ ନେଇଥିଲି ଓ ଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲି। ତେଣୁ କୌଣସି ଅପରାଧ କରିନାହିଁ ବୋଲି ପୂଜା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। କିନ୍ତୁ ତାଙ୍କ ମନ୍ତବ୍ୟର ନିନ୍ଦ କରିଛି ସମାଜବାଦୀ ପାର୍ଟି।

# 'ବୁଲା କୁକୁର ମାମଲାରେ ନିୟମର ପାଳନ ହେଉନି'



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବୁଲା କୁକୁର ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟା ଓ ଜଷ୍ଟିସ୍ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ମମାଲାରେ ସବୁ ପକ୍ଷରୁ ଦଲିଲ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି ଯେ ନିୟମ ପ୍ରସ୍ତୁତ ହେଉଛି, କିନ୍ତୁ ପ୍ରଶାସନ ଏହା ପାଳନ କରୁନାହିଁ।

ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା ଦଲିଲ ଦେଇ କହିଥିଲେ ଯେ, ଏଭଳି ମାଂସାହାରୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜକୁ ପଶୁପ୍ରେମୀ ଭାବେ ଉପସ୍ଥାପନ କରୁଛନ୍ତି। ଅନ୍ୟପଟେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ସମାଧାନ ହେଉ ବୋଲି କହିଥିଲେ। ଦିଲ୍ଲୀ- ଏନ୍‌ସିଆର ସବୁ ବୁଲା କୁକୁରଙ୍କୁ ଏକାଠି କରି ଏକ ଆଶ୍ରୟସ୍ଥଳୀରେ ରଖିବା ଏବେ ସମ୍ଭବ ନୁହଁ। କାରଣ ବର୍ତ୍ତମାନ ଏଭଳି ଆଶ୍ରୟସ୍ଥଳୀ ନାହିଁ ବୋଲି ସିବଲ କହିଥିଲେ।

ସମସ୍ତ ବୁଲା କୁକୁରଙ୍କୁ ଉଠାଇ ଆଣି ଆଶ୍ରୟସ୍ଥଳୀରେ ରଖିବା ସହ ବନ୍ଧ୍ୟାକରଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେ।।ବେ ବିବାଦ ହେବା ପରେ ଗୁରୁବାର ଏହି ୩ ଜଣ ବିଚାରପତିଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ଶୁଣାଣି କରିଥିଲେ। କିଛି ଲୋକ ଦିଲ୍ଲୀ-ଏନ୍‌ସିଆର ରାସ୍ତାଗୁଡିକୁ କୁକୁରମୁକ୍ତ କରିବା ନିର୍ଦ୍ଦେଶକୁ ସ୍ୱାଗତ କରିଥିବା ବେଳେ ଆଉ କେତେକ ଏହାର ବିରୋଧ କରିଥିଲେ। ଏହାଦ୍ୱାରା ମଣିଷ ଓ କୁକୁର ମଧ୍ୟରେ ସଂଘର୍ଷ ଉଗ୍ରରୂପ ନେବ ବୋଲି ସେମାନେ ଯୁକ୍ତି କରିଥିଲେ।

# ଭାରତ-ଅଷ୍ଟ୍ରେଲିଆ ହକି ସିରିଜ ଆଜିଠୁ



ପର୍ଥ, ୧୪ା୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭାରତୀୟ ପୁରୁଷ ହକି ଦଳ ମଧ୍ୟରେ ଶୁକ୍ରବାରଠାରୁ ୪ ମ୍ୟାଚ୍‌ବିଶିଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ସିରିଜର ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଅଗଷ୍ଟ ୧୬, ୧୯ ଓ ୨୧ ତାରିଖରେ ପରବର୍ତ୍ତୀ ୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗରେ ୮ମ ସ୍ଥାନରେ ରହିଛି। ସେହିଭଳି ଘରୋଇ ଅଷ୍ଟ୍ରେଲିଆ ବିଶ୍ୱ ମାନ୍ୟତାର ୫ମ ସ୍ଥାନରେ ଥିବାରୁ ଏହି ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅଗଷ୍ଟ ୨୯ରୁ ବିହାରରେ ଏସିଆ କପ୍ ହକି ଖେଳାଯିବ। ତେଣୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଭାରତୀୟ ଦଳ ଲାଗି ଏକ ଭଲ ପ୍ରସ୍ତୁତି ସଦୃଶ ହେବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ କହିଛନ୍ତି।

ନିକଟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିଲେ। ଉଭୟ ମ୍ୟାଚରେ ଅଷ୍ଟ୍ରେଲିଆ ୩-୨ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲା। ୧୯୭୨ ମ୍ୟୁନିକ ଗେମ୍ସ ପରେ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ପ୍ରଥମ ବିଜୟ ଥିଲା। ୨୦୧୩ ପରଠାରୁ ଯଦି ଦୁଇ ଦଳର ରେକର୍ଡ ଉପରେ ନଜର ପକାଇବା ତେବେ ଅଷ୍ଟ୍ରେଲିଆର ପଲା ଭାରି ରହିଛି। ଗତ ୧୨ ବର୍ଷ ମଧ୍ୟରେ ଦୁଇ ଦଳ ୫୧ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ୩୫ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ଘୋଷିତ ୨୪ ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା।

## ଭାରତୀୟ ଦଳ

**ଗୋଲରକ୍ଷକ:** କ୍ରିଷାନ ବାହାଦୂର ପାଠକ, ସୂରଜ କେରକେରା


**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ହରମନପ୍ରୀତ୍ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଯୁଗରାଜ ସିଂହ, ସିବି ପୁଭାନ୍ନା।

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ, ବିଷ୍ଣୁ କାନ୍ତ ସିଂ।

**ଫରୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ, ଦିଲପ୍ରୀତ୍ ସିଂହ, ସେଲଭାମ କାର୍ଥି ଓ ଆଦିତ୍ୟ ଲାଲାଗେ।

# ଲିଆଣ୍ଡରଙ୍କ ପିତା ଅଲିମ୍ପିଆନ ଭେସ୍ ପେସ୍‌ଙ୍କ ବିୟୋଗ

କୋଲକାତା, ୧୪ା୮: ଭାରତର ମହାନ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ପିତା ତଥା ଅଲିମ୍ପିକ ପଦକ ବିଜେତା ଭେସ୍ ପେସଙ୍କ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭେସ୍ କିଛିଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାନରେ ଗୁରୁବାର ସକାଳେ କୋଲକାତାର ଏକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।



ଭେସ୍ ୧୯୪୫ ମସିହା ଏପ୍ରିଲ ୩୦ରେ ଗୋଆରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ ଥିଲେ। ୧୯୬୬ରେ କୋଲକାତାର ପ୍ରେସିଡେନ୍ସି କଲେଜରେ ମେଡିକାଲ ପଢୁଥିବାବେଳେ ଭେସ୍ ଭାରତୀୟ ହକି ଦଳରେ ଖେଳିବାର ସୁଯୋଗ ପାଇଥିଲେ। ହମବର୍ଗ ଇଣ୍ଟରନ୍ୟାସନାଲ କପ୍ ଖେଳି ସେ ଜାତୀୟ ହକି ଦଳରୁ ପଦାର୍ପଣ କରିଥିଲେ। ମଧ୍ୟକ୍ରମରେ ଜଣେ ଦକ୍ଷ ଖେଳାଳି ଥିବା ଭେସ୍ ୧୯୭୧ରେ ବାର୍ସିଲୋନାରେ ଅନୁଷ୍ଠିତ ହକି ବିଶ୍ୱକପ୍ ଖେଳିଥିଲେ। ଏହି ବିଶ୍ୱକପ୍‌ରେ ଭାରତ କାଂସ୍ୟ ପଦକ ଜିତିଥିଲା। ଏହା ପରବର୍ଷ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ଏହାବାଦ୍ ସେ କ୍ରିକେଟ୍, ଫୁଟବଲ ଓ ରଗବୀରେ ଡିଭିଜନ ଲେଭଲ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ସ୍ପୋର୍ଟ୍ସ ମେଡିସନରେ ଜଣେ ସାର୍ଟିଫାଏଡ୍ ଡାକ୍ତର ଥିଲେ। ଏସିଆନ କ୍ରିକେଟ କାଉନସିଲ ଓ ବିସିସିଆଇର ଆଣ୍ଟି-ଡୋପିଂ ପ୍ରୋଗ୍ରାମରେ ମଧ୍ୟ ଭେସ୍ କାମ କରିଥିଲେ। ସେହିଭଳି ୧୯୯୬ରୁ ୨୦୦୨ ପର୍ଯ୍ୟନ୍ତ ଭାରତୀୟ ରଗବୀ ଫୁଟବଲ ୟୁନିୟନର ସେ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। କଲକତା କ୍ରିକେଟ୍ ଓ ଫୁଟବଲ କ୍ଲବର ସଭାପତି ଭାବେ ମଧ୍ୟ କିଛି ବର୍ଷ ଦାୟିତ୍ୱ ତୁଲାଇଥିଲେ। ଭେସ୍ ଜେନିଫର ପେସ୍‌ଙ୍କୁ ବିବାହ କରିଥିଲେ। ଜେନିଫର୍ ଭାରତୀୟ ମହିଳା ବାସ୍କେଟବଲ୍ ଦଳର ଅଧିନାୟିକା ଥିଲେ। ତାଙ୍କ ପୁଅ ଲିଆଣ୍ଡର ପେସ୍ ଭାରତୀୟ ଟେନିସର ଜଣେ ମହାନ ଖେଳାଳି।

**ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର**

# ବିକ୍ରି ହେବେ ଭେନ୍ୟୁ ନେମିଂ ରାଇଟ୍

ଲସ୍ ଏଞ୍ଜେଲ୍ସ,୧୪ା୮(ଏଜେନ୍ସି): ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଭେନ୍ୟୁ ନେମିଂ ରାଇଟ୍ ଅର୍ଥାତ କ୍ରୀଡ଼ା ଆୟୋଜନସ୍ଥଳର ନାମକରଣ ଅଧିକାର ବିକ୍ରି ହେବ। ଆମେରିକାର ଲସ୍ ଏଞ୍ଜେଲ୍ସରେ ୨୦୨୮ରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏହି ଅଧିକାର ବିକ୍ରି କରିବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିପୁଳ ପରିମାଣରେ ଅର୍ଥ ଉପାର୍ଜନ ହେବ। ଏହି ଲକ୍ଷ୍ୟରେ ହିଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହାକୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମଧ୍ୟ ସମର୍ଥନ ଜଣାଇଛି। ଏହିକ୍ରମରେ 'କମକାଷ୍ଟ' ଓ 'ହୋଣ୍ଡା' ଭଳି କମ୍ପାନୀ ପ୍ରାରମ୍ଭିକ ଦୁଇଟି ଭେନ୍ୟୁର ନାମକରଣ ଅଧିକାର ହାସଲ କରିଛନ୍ତି। ଆଗକୁ ଆହୁରି କେତୋଟି କର୍ପୋରେଟ୍ ହାଉସ୍ ମଧ୍ୟ ଏହି ନାକମରଣ ଅଧିକାର ହାସଲ କରିବେ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବାରୁ ଆଇଓସିକୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।




# ଆଜି କିସ୍‌ର ୩ ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୪ା୮ (ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଲାଲ୍ କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ହେବାକୁ ଥିବା ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳରେ କିସ୍ ବିଶ୍ୱବିଦ୍ୟାଳୟର ୩ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ପବନୀ ଶବର, ଶୁଭଶ୍ରୀ ସିଂ ଓ ମଗାଇ ମାଝୀ। ଏହି ଅବସରରେ କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ ହେବାକୁ ଥିବା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ସଫଳତା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦୁଇ ମହାରାଷ୍ଟ୍ର ଖେଳାଳି ପ୍ରତୀକ ୱାଇକର ଓ ପ୍ରିୟଙ୍କା ଇଙ୍ଗଲେ ଯଥାକ୍ରମେ ଭାରତୀୟ ପୁରୁଷ ଓ ମହିଳା ଦଳର ନେତୃତ୍ୱ ନେଉଥିଲେ।

**■ ସିନ୍‌ସିନ୍ନାଟି ଓପନ**

# କ୍ୱାର୍ଟରରେ ସିନ୍ନର, ସାବାଲେଙ୍କା

ନ୍ୟୁୟର୍କ, ୧୪ା୮ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଜାନ୍ନିକ ସିନ୍ନର ଓ ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ସିନ୍‌ସିନ୍ନାଟି ଓପନ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ନର ୬-୪, ୭-୬ (୭/୪) ସେଟରେ ଆଡ୍ରିଆନ ମାନ୍ନାରିନୋଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ସିନ୍ନରଙ୍କ ମୁକାବିଲା କାନାଡାର ଫେଲିକ୍ସ ଆଗର ଆଲିଆସିମେଙ୍କ ସହ ହେବ। ସେହିଭଳି ୨ୟ ସିଡ୍ ତଥା ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ୬-୧, ୬-୪ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଦ୍ଦିଙ୍କୁ ମାତ୍ ଦେଇ ରାଉଣ୍ଡ-୮ରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ସାବାଲେଙ୍କା ୬-୧, ୭-୫ ସେଟ୍‌ରେ ସ୍ପେନର ଜେସିକା ବୌଜାସ ମାନେଇରୋ ହରାଇଥିଲେ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ସାବାଲେଙ୍କା କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଭେଟିବେ।








**ପୁରୀରେ ଟି-୨୦ ଟେନିସ୍ ବଲ୍ କ୍ରିକେଟ**

# ସିଂହଦ୍ୱାରରେ ଟ୍ରଫି ଓ ବ୍ରୋଚର ଉନ୍ମୋଚନ

ପୁରୀ,୧୪ା୮(ସମିସ): ସର୍ବଭାରତୀୟ ଟି-୨୦ ଟେନିସ ବଲ୍ କ୍ରିକେଟ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୧୧ରୁ ପୁରୀରେ ଆରମ୍ଭ ହେବ। ଗୁରୁବାର ଏହାର ବ୍ରୋଚର ଉନ୍ମୋଚନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସିଂହଦ୍ୱାରରେ ସେବକମାନଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ମଧ୍ୟ ଉନ୍ମୋଚିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାର ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ୩୨ ଦଳ ଭାଗନେବେ। ଟି-୨୦ ଫର୍ମାଟ୍ ବା ୨୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ। ଟି-୨୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚାମ୍ପିଅନସିପ୍ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇସାରିଛି। ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଆୟୋଜକ ଓଡ଼ିଶା ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ଦଳ ସ୍ଥାନ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସେଲିବ୍ରିଟିମାନେ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS